ବର୍ଷ-୨୫, ସଂଖ୍ୟା-୨୮୬
ଭୁବନେଶ୍ୱର
୨୮, ଅକ୍ଟୋବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 286
Bhubaneswar
28, October, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜାତୀୟ ପୁରସ୍କାର ପାଇବା ଦିନ ନଖରେ ଗୋବର ଲାଗିଥିଲା : ନିତ୍ୟା



# ଭୀଷଣ ହେଉଛି 'ମୋନ୍ଥା'

## ଆଜି ଉପକୂଳରେ ମାଡ଼ ହେବ ବାତ୍ୟା


**ଭୁବନେଶ୍ୱର,୨୭।୧୦(ମହାଭାରତ):** ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବାତ୍ୟା 'ମୋନ୍ଥା' ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହୋଇ ଉତର-ଉତ୍ତରପଶ୍ଚିମ ଦିଗକୁ ୧୮ କିଲୋମିଟର ବେଗରେ ଗତି କରୁଛି । ଏହା ୨୮ ତାରିଖ ସକାଳ ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ସେହିଦିନ ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଆନ୍ଧ୍ରପ୍ରଦେଶ ଉପକୂଳ ମଛଲିପଟନମ୍-କଳିଙ୍ଗ ପଟନମ୍ ମଧ୍ୟରେ ଅତିକ୍ରମ କରିବାର ସମ୍ଭାବନା ରହିଛି। ସେତେବେଳେ ବାତ୍ୟାର ବେଗ ଘଂଟା ପ୍ରତି ୯୦ରୁ ୧୧୦ କିଲୋମିଟର ରହିବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ଓଡ଼ିଶାର ୮ଟି ଜିଲ୍ଲା ସଂପୂର୍ଣ୍ଣ ଭାବେ ପ୍ରଭାବିତ ହେବ ।

ଆଜି ଏହି ମର୍ମରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ, ଅଗ୍ନିଶମ ଡି.ଜି. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା କରିଛନ୍ତି । ଏହି ବିଭାଗଗୁଡ଼ିକ ସେମାନଙ୍କର ଜିଲ୍ଲାୱାରୀ ସମୀକ୍ଷା ବୈଠକ ଓ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ବୈଠକ ପରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ବାତ୍ୟା ପ୍ରସ୍ତୁତି ନେଇ ତଟରକ୍ଷୀ ବାହିନୀ ସହିତ ମଧ୍ୟ ଆଲୋଚନା ହୋଇଛି। ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି। ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଂଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି।

ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି। ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଏଥି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ କୋରାପୁଟ ଓ ଗଜପତିରେ ସାଧାରଣ ଭାବେ ବର୍ଷା ହେଉଥିବା ବେଳେ ଅନ୍ୟ ୬ଟି ଜିଲ୍ଲାରେ ପାଗ ମେଘୁଆ ରହିଛି । ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିପାରେ । ୨୯ ଓ ୩୦ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇପାରେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଲେ ଯେ ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।



### ମୁକାବିଲା ପାଇଁ ସରକାର ପ୍ରସ୍ତୁତ

## ଦୁର୍ବଳ ଅବସ୍ଥାରେ ଓଡ଼ିଶାରେ ପହଞ୍ଚିବ ମନ୍ଥା: ଆଇଏମଡି ଡିଜି

ନୂଆଦିଲ୍ଲୀ,୨୭।୧୦(ମହାଭାରତ): ଧୀରେ ଧୀରେ ଉପକୂଳ ମୁହାଁ ହେଉଛି ବାତ୍ୟଶ ମନ୍ଥା ଆନ୍ଧ୍ରପ୍ରଦେଶର ମଛିଲିପତନମ-କଳିଙ୍ଗପତନମ ମଧ୍ୟବର୍ତ୍ତୀ ଅଞ୍ଚଳ କାକିନାଡା ନିକଟରେ ଏହା ସ୍ଥଳଭାଗ ଛୁଇଁବ। ତେବେ ଓଡ଼ିଶାରେ ବାତ୍ୟା ପହଞ୍ଚିବା ବେଳକୁ ଦୁର୍ବଳ ହୋଇଯାଇଥିବ ଭାରତ ପାଣିପାଗ ବିଭାଗ(ଆଇଏମଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ମନ୍ଥା ଭୀଷଣ ବାତ୍ୟା ରୂପରେ ଲ୍ୟାଣ୍ଡଫଲ କରିବ। କିନ୍ତୁ ଓଡ଼ିଶାରେ ପହଞ୍ଚିବା ସମୟରେ ଦୁର୍ବଳ ହୋଇଯିବ। ଓଡ଼ିଶାରେ ଦୁର୍ବଳ ହେଉଥିବାରୁ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କିଲୋମିଟର ମଧ୍ୟରେ ରହିବ। ଦକ୍ଷିଣ ଓଡ଼ିଶା ଦେଇ ଏହା ଛତିଶଗଡ଼ ମୁହାଁ ହେବ। ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ବାତ୍ୟାର ପ୍ରଭାବ ଅଧିକ ରହିବ ବିଶେଷ କରି ୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ଭିତରେ ବାତ୍ୟାର ପ୍ରଭାବ ବେଶୀ ହେବ।

## ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ୨ ଦିନ ସ୍କୁଲ ଓ ଅଙ୍ଗନବାଡି ଛୁଟି

**ଭୁବନେଶ୍ୱର,୨୭।୧୦(ମହାଭାରତ):** ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଶଙ୍କା ଥିବାରୁ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ୨୮ ଓ ୨୯ ତାରିଖ ୨ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ମାତ୍ର ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ କର୍ମଚାରୀ ମାନେ ସେମାନଙ୍କ ସମ୍ପୃକ୍ତ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ପାଇଁ ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ,କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ୨୮ ଅକ୍ଟୋବରରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଏହାସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି।

# ୫୦ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ

## ବନ୍ଦର ହେବ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତିର ଇଞ୍ଜିନ : ମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୨୭।୧୦(ମହାଭାରତ):** ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉଦଘାଟନ କରିଛନ୍ତି। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ସାମିଲ୍ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ୱକାଂକ୍ଷୀ ବ୍ଲୁଇକୋନୋମି ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। କଳିଙ୍ଗର ପ୍ରାଚ଼ୀନ ସାମୁଦ୍ରିକ ଦକ୍ଷତା ଠାରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚ଼ାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ବ୍ଲୁ ଗ୍ରୋଥ୍ ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ, ରାଜ୍ୟ ତଥା ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ଆମର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତିର ଇଞ୍ଜିନରେ ପରିଣତ କରାଯିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହା କେବଳ ଏକ ସମ୍ମିଳନୀରେ ନୁହେଁ ବରଂ ଏକ ବିକାଶ ଏବଂ ବୈଦେଶିକ ବାଣିଜ୍ୟରେ ଭାରତର ପୁନଃଉତ୍ଥାନ ଯାତ୍ରାର ଏହା ପ୍ରତୀକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ସାମୁଦ୍ରିକ କ୍ଷେତ୍ରରେ ରାଷ୍ଟ୍ରୀୟ ବିକାଶର ଦ୍ୱାର ବନାଇଛନ୍ତି । ବନ୍ଦର ଗୁଡ଼ିକରେ ସିପିଂ ଫର୍ ଆତ୍ମଭାରତର ମନ୍ତ୍ର ଆଜି ଭାରତକୁ ବୈଦେଶିକ ବ୍ୟପାରର ନୂଆ ମାନଚ଼ିତ୍ରରେ ସ୍ଥାପିତ କରିଛି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ସାଗରମାଳା, ଭାରତମାଳା ଏବଂ ବ୍ଲୁ-ଇକୋନୋମି ଭଳି ଅର୍ଥ ବ୍ୟବସ୍ଥା ଦେଶ ଉପକୂଳ ରାଜ୍ୟଗୁଡ଼ିକୁ ନୂଆ ଉର୍ଜା ପ୍ରଦାନ କରିଛି। ଏହି ପରିପେକ୍ଷୀରେ । ୨୦୪୭ ପର୍ଯ୍ୟନ୍ତ ଓଡିଶାର ବନ୍ଦର ଗୁଡିକର କ୍ଷମତା ପ୍ରତିବର୍ଷ ୫ଶହ ମିଲିୟନ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଓଡ଼ିଶାରେ ଏହି ତିନୋଟି ବଡ଼ ବନ୍ଦର କାର୍ଯ୍ୟକାରୀ ରହିଛି। ପାରାଦୀପ ପୋର୍ଟ, ଧାମରା ପୋର୍ଟ ଏବଂ ଗୋପାଳପୁର ପୋର୍ଟ ଓଡ଼ିଶାକୁ ଭାରତର ସାମୁଦ୍ରିକ




ଓଡ଼ିଶା ନିକଟରେ ୫୭୫ କିଲୋମିଟରର ଲମ୍ବା କୋଷ୍ଟ ଲାଇନ୍ ରହିଛି। ଆଉ ଆମେ ଦ୍ରୁତଗତିରେ ଭାରତର ମାରିଟାଇମ୍ ଗେଟ୍-ୱେ ଭାବେ ଉଭା ହେଉଛୁ। ନୂଆ ଓଡିଶାର ସମ୍ଭାବନା ବିକାଶର ପ୍ରତୀକ ବନିଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହା ବାରମ୍ବାର କହିଆସୁଛନ୍ତି ଯେ ଓଡିଶା ପୂର୍ବୋତ୍ତର ପରିକଳ୍ପନାର କେନ୍ଦ୍ର ବିନ୍ଦୁ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ପାଇଁ ଏକ ଶାନ୍ତି, ଶକ୍ତି ବନିଛି । ଆଉ ଆମେ ଓଡିଶା ମାରିଟାଇନ ଇକୋ ସିଷ୍ଟମକୁ ମଡର୍ଣ୍ଣ, ସଷ୍ଟେନାବଲ୍ ଏବଂ ଗ୍ଲୋବାଲି କ୍ୱାଣ୍ଟିଟେଟିଭ୍ କରୁଛୁ ଅର୍ଥ ବ୍ୟବସ୍ଥାର ଉଭା ହୋଇଥିବା କେନ୍ଦ୍ର ବନାଉଛୁ। ଆସନ୍ତା କିଛି ବର୍ଷ ମଧ୍ୟରେ ଛୋଟ ଛୋଟ ବନ୍ଦର ନିର୍ମାଣ ପାଇଁ ସ୍ଥାନ ଚ଼ିହ୍ନଟ ହୋଇଛି । ଏହା ସହିତ ଧାମରା, ଗୋପାଳପୁର, ସୁବର୍ଣ୍ଣରେଖା, ଅସ୍ତରଙ୍ଗ ଏବଂ ଜଟାଧାର ମୁହାଁଣରେ ଚ଼ାଲୁଥିବା ପ୍ରକଳ୍ପ ଓଡ଼ିଶାର ସାମୁଦ୍ରିକ ଦୃଶ୍ୟପଟକୁ ଏକ ନୂଆ ରୂପ ଦେଉଛି । ରାଜ୍ୟର ସାମୁଦ୍ରିକ ଅଭିବୃଦ୍ଧିରେ ପାରାଦୀପ ବନ୍ଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଗତ ଦୁଇ ବର୍ଷରେ ଭଲ ପ୍ରଦର୍ଶନ ପାଇଁ ପାରାଦୀପ ପୋର୍ଟକୁ ମଧ୍ୟ ପୁରସ୍କାର ମିଳିଛି । ସାମୁଦ୍ରିକ ବିକାଶ ପାଇଁ ଓଡ଼ିଶାରେ ଦୁଇ ପ୍ରଭାବଶାଳୀ ପ୍ରକଳ୍ପ ପାଇଁ ସ୍ଥିର ହୋଇଛି। ଗୋଟିଏ ୨୧ ହଜାର ୫ଶହ କୋଟିର ବାହୁଡା ପୋର୍ଟ ପ୍ରକଳ୍ପ ଏବଂ ଦ୍ୱିତୀୟଟି ୨୪ ହଜାର ୭ଶହ କୋଟିର ସି' ବିଲ୍ଡିଂ କ୍ଲଷ୍ଟର, ଯାହା ମହାନଦୀରେ ନିର୍ମାଣ ହେବ । ଏହି ଦୁଇ ପ୍ରକଳ୍ପ ଓଡ଼ିଶାର ସାମୁଦ୍ରିକ ବିକାଶ ଏବଂ ଉଦ୍ୟୋଗର କେନ୍ଦ୍ର ହେବ । ଏହା ସହିତ ନିବେଶ ଏବଂ ରୋଜଗାର ଅସୀମ ସମ୍ଭାବନା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ କହିଛନ୍ତି ।

କହିରଖୁ କି, ମୁମ୍ବାଇରେ ଆଜିଠୁ ଆରମ୍ଭ ହୋଇଛି ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ । ବନ୍ଦର ଭିତ୍ତିକ ବାଣିଜ୍ୟିକ ଅଭିବୃଦ୍ଧି, ନୀଳ ଅର୍ଥନୀତିକୁ ଆଗକୁ ନେବାକୁ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ୧୦ ଲକ୍ଷ କୋଟି ନିବେଶ ପାଇଁ ୬୦୦ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହେବ । ସାମୁଦ୍ରିକ ବାଣିଜ୍ୟ ଉପରେ ଗୁରୁତ୍ୱ ଦେଇ ଆୟୋଜିତ ହୋଇଥିବା ଏ ସମ୍ମିଳନୀକୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଉଦ୍‌ଘାଟନ କରିଛନ୍ତି । ବନ୍ଦର ଓ ଜାହାଜ ଚ଼ଳାଚ଼ଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ ମହାରାଷ୍ଟ୍ର, ଗୁଜୁରାଟ, ଗୋଆ ମୁଖ୍ୟମନ୍ତ୍ରୀଙ୍କ ସହ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏଥିରେ ଯୋଗ ଦେଇଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ରବିବାର ମୁମ୍ବାଇ ଗସ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୯ ରେ ଏହି କନକ୍ଲେଭକୁ ସମ୍ବୋଧିତ କରିବେ । ୧୧ଟି ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହ ୮୫ ଦେଶର ୧ ଲକ୍ଷରୁ ଅଧିକ ପ୍ରତିନିଧି ଏଥିରେ ସାମିଲ ହୋଇଛନ୍ତି ।

## ଓଡିଶା ଷ୍ଟଲ ଉଦଘାଟିତ



ମୁମ୍ବାଇ/ଭୁବନେଶ୍ୱର, ୨୭।୧୦ (ମହାଭାରତ): ମୁମ୍ବାଇ ନେସ୍କୋ ଗ୍ରାଉଣ୍ଡରେ ଆୟୋଜିତ ମାରିଟାଇମ ସପ୍ତାହ ୨୦୨୫ ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶାର ଗୌରବୋଜ୍ଜଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ୍ ଖୋଲାଯାଇଛି । ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ପାଭିଲିୟନ୍ ପରିଦର୍ଶନ କଲି ଏବଂ ରାଜ୍ୟର ଉଲ୍ଲେଖନୀୟ ସାମୁଦ୍ରିକ ଯାତ୍ରାକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଭାବଶାଳୀ ପ୍ରଦର୍ଶନ ଦେଖିଲି ।

ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତିଭୂମି ଏବଂମହତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡମ୍ୟାପ୍ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ, ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି।

ଏହି ଉଦଘାଟନ ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା , ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୁଲ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶା ନୌବାଣିଜ୍ୟ ଉପରେ ଆଧାରିତ ବାଲୁକା କଳା ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଲି ଦେଖିଥିଲେ।

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଗୁରୁତର

**ଭୁବନେଶ୍ୱର,୨୭।୧୦(ମହାଭାରତ):** ବିଷାକ୍ତ ଖାଦ୍ୟ ଯୋଗୁଁ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସମେତ ତାଙ୍କ ପରିବାର ୪ ଜଣ ଗୁରୁତର ହୋଇପଡିଛନ୍ତି। ୨ ଜଣଙ୍କୁ ଜୟପୁର



ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ଆଉ ୨ଜଣଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ପଦ୍ମିନୀ ଦିଆନ ଗୁରୁତର ହେବାରୁ ଏବେ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି।

# ୧୨ ରାଜ୍ୟରେ ଏସ୍ଆଇଆର

**ନୂଆଦିଲ୍ଲୀ,୨୭।୧୦(ମହାଭାରତ):** ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବ। ଏହି ଭୋଟର ସର୍ଭେ କାର୍ଯ୍ୟକ୍ରମ ଆସନ୍ତାକାଲି ଠାରୁ ଆରମ୍ଭ ହେବ। ଆଜି ମୁଖ୍ୟ ନିର୍ବାଚ଼ନ କମିଶନର ଜ୍ଞାନେଶ କୁମାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସମୟରେ ସେ ଘରଠୁ ଘର ଯାଞ୍ଚ ପ୍ରକ୍ରିୟାର ବିସ୍ତୃତ ତଥ୍ୟ ଦେଇଛନ୍ତି। ଏଥିସହ ଚୂଡାନ୍ତ ଭୋଟର ତାଲିକା ୨୦୨୬ ଫେବୃଆରୀ ୭ରେ ଜାରି କରାଯିବ ବୋଲି କହିଛନ୍ତି।

ଏସ୍ଆଇଆର ବେଳେ ଲୋକଙ୍କୁ ସ୍ୱତନ୍ତ୍ର ଗଣନା ଫର୍ମ ଦିଆଯିବ। ପ୍ରଥମେ ପ୍ରିଣ୍ଟିଂ ଓ ଟ୍ରେନିଂ ୨୮ ଅକ୍ଟୋବରରୁ ନଭେମ୍ବର ୩ ଯାଏ ଚ଼ାଲିବ। ଘର ଘର ବୁଲି ଗଣନା ୪ ନଭେମ୍ବରରୁ ୪ ଡିସେମ୍ବର ଯାଏ ହେବ। ଦାବି ଓ ଆପତ୍ତିର ସମୟସୀମା ୯ ଡିସେମ୍ବରରୁ ୮ ଜାନୁଆରୀ ୨୦୨୬ ରହିଛି। ଶୁଣାଣି ଓ ଯାଞ୍ଚ ନୋଟିସ ୯ ଡିସେମ୍ବରରୁ ୩୧ ଜାନୁଆରୀ ୨୦୨୬। ଚୂଡ଼ାନ୍ତ ଭୋଟର ତାଲିକା ୭ ଫେବୃଆରୀ ୨୦୨୬ରେ ପ୍ରକାଶ ପାଇବ। ସେ କହିଛନ୍ତି, "ଏସ୍ଆଇଆର ବିସ୍ତୃତ, ଜନତା କୈନ୍ଦ୍ରିକ କାର୍ଯ୍ୟକ୍ରମ ଯେଉଁଥିରେ ବୁଥ ଲେଭଲ ଅଫିସର(ବିଏଲଓ)ମାନେ ଭୋଟରଙ୍କ ଯାଞ୍ଚ ଓ ସହାୟତା ପାଇଁ ଗୋଟିଏ ଘରକୁ ୩ଥର ଯିବେ।" ଭୋଟର ତାଲିକା ରିଭିଜନରେ ବିଏଲଓମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ସେମାନେ ନୂଆ ଭୋଟରଙ୍କ ଠାରୁ ଫର୍ମ ୬ ଓ ଘୋଷଣାପତ୍ର ସଂଗ୍ରହ କରିବେ। ଭୋଟରଙ୍କୁ ଗଣନା ଫର୍ମ ପୂରଣ କରିବାରେ ସହାୟତା କରିବେ। ଫର୍ମ ପୂରଣ ପରେ ନିର୍ବାଚ଼ନ ପଞ୍ଜୀକରଣ ଅଫିସର(ଇଆରଓ) କିମ୍ବା ସହାୟକ ଇଆରଓଙ୍କ ନିକଟରେ ଦାଖଲ କରିବେ। ଭୋଟରମାନେ ଫର୍ମ ପୂରଣ କରିବା ପରେ ଏହାକୁ ବିଏଲଓମାନେ ସଂଗ୍ରହ କରିବେ। ଏହାପରେ ସେଗୁଡିକୁ ଇଆରଓ/ଏଇଆରଙ୍କ ନିକଟରେ ଦାଖଲ କରିବେ। ପ୍ରତ୍ୟେକ ବିଏଲଓ ଅତିକମରେ ୩ ଥର ପ୍ରତ୍ୟେକ ଘରକୁ ଯାଇ ସର୍ଭେ କରିବେ।




ବୟସ୍କ, ରୋଗଗ୍ରସ୍ତ, ଦିବ୍ୟାଙ୍ଗ, ଗରିବ ଓ ଅନ୍ୟ ପଛୁଆ ବର୍ଗର ଯୋଗ୍ୟ ଭୋଟର ଯେମିତି ତାଲିକାରୁ ବାଦ ନ ପଡିବେ, ସେଥିପାଇଁ ନିର୍ବାଚ଼ନ କମିଶନ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବେ। ସେମାନେ ଯେମିତି ପ୍ରକ୍ରିୟାରୁ ବାଦ ନ ପଡିବେ କିମ୍ବା ସେମାନେ ଯେମିତି କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ନ ହେବେ, ତା' ଉପରେ ଅଧିକ ଫୋକସ କରିଛନ୍ତି କମିଶନ। ସେହିପରି କୌଣସି ପୋଲିଂ ଷ୍ଟେସନରେ ୧୨ ଶହରୁ ଅଧିକ ଭୋଟର ରହିପାରିବେ ନାହିଁ ବୋଲି ମଧ୍ୟ ଜ୍ଞାନେଶ କୁମାର ସ୍ପଷ୍ଟ କରିଛନ୍ତି। ଏସ୍ଆଇଆର(ଏସ୍ଆଇଆର)ର ଫେଜ ୨ ପାଇଁ ନିର୍ବାଚ଼ନ ଅଧିକାରୀମାନଙ୍କ ଟ୍ରେନିଂ ମଙ୍ଗଳବାର ଠାରୁ ଆରମ୍ଭ ହେବ। ସମସ୍ତ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଓ ଜିଲ୍ଲା ନିର୍ବାଚ଼ନ ଅଧିକାରୀମାନଙ୍କୁ ରାଜନୀତିକ ଦଳଗୁଡିକୁ ସାକ୍ଷାତ କରିବାକୁ କୁହାଯାଇଛି। ସେମାନେ ରାଜନୀତିକ ଦଳଗୁଡିକୁ ଏସ୍ଆଇଆର ପ୍ରକ୍ରିୟା ସମ୍ପର୍କରେ ବୁଧବାର ସୁଦ୍ଧା ସୂଚ଼ନା ଦେବେ। ଜ୍ଞାନେଶ କୁମାର କହିଛନ୍ତି ଯେ ଯେଉଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର ହେବାକୁ ଯାଉଛି, ସେଠାରେ ଆଜି ମଧ୍ୟରାତ୍ରରୁ ଭୋଟର ତାଲିକାକୁ ଫ୍ରିଜ କରିଦିଆଯିବ। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ପୁଡୁଚେରୀ, ଛତିଶଗଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତର ପ୍ରଦେଶ, ଗୋଆ, ଗୁଜରାଟ, କେରଳ ଓ ଆଣ୍ଡାମାନ-ନିକୋବର ଭଳି ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଏସ୍ଆଇଆର ହେବ। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ପ୍ରାୟ ୫୧ କୋଟି।

## ଜଷ୍ଟିସ ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସିଜେଆଇ

**ନୂଆଦିଲ୍ଲୀ,୨୭।୧୦(ମହାଭାରତ):** ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ବି.ଆର. ଗଭାଇ ପରବର୍ତ୍ତୀ ମୁଖ୍ୟ ବିଚାରପତି ପାଇଁ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସିଜେଆଇ ଗଭାଇ ନଭେମ୍ବର ୨୩ ତାରିଖରେ ତାଙ୍କ ପଦବୀରୁ ଅବସର ନେଉଛନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ମୁଖ୍ୟ ବିଚାରପତିଙ୍କ ପରେ ସବୁଠାରୁ ବରିଷ୍ଠ ବିଚାରପତି ଏବଂ ଭାରତୀୟ ନ୍ୟାୟପାଳିକାର ନେତୃ ନେବା ପାଇଁ ପରବର୍ତ୍ତୀ ସ୍ଥାନରେ ଅଛନ୍ତି। ତାଙ୍କ ନିଯୁକ୍ତି ପରେ, ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ତାରିଖରେ ପରବର୍ତ୍ତୀ ମୁଖ୍ୟ ବିଚାରପତି ହେବେ ଏବଂ ଫେବୃଆରୀ ୯, ୨୦୨୭ ପର୍ଯ୍ୟନ୍ତ ପ୍ରାୟ ୧୫ ମାସ ପାଇଁ ଏହି ପଦବୀରେ ରହିବେ। ୧୦ ଫେବୃଆରୀ ୧୯୬୨ରେ ହିସାର ଜିଲାର ପେଟାର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସୂର୍ଯ୍ୟକାନ୍ତ ତାଙ୍କ ଶୈଶବ ସାଧାରଣ ପରିସ୍ଥିତିରେ ବିତାଇଥିଲେ। ସେ ଗାଁ ସ୍କୁଲରେ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ଏବଂ ୧୯୮୧ ମସିହାରେ ହିସାରର ସରକାରୀ ପିଜି କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ୧୯୮୪ ମସିହାରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ତାଙ୍କର ଆଇନ (ଏଲଏଲ.ବି.) ସମାପ୍ତ କରିଥିଲେ। ସେହି ବର୍ଷ ସେ ହିସାରର ଜିଲା କୋର୍ଟରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ ଏବଂ ୧୯୮୫ ମସିହାରେ ସେ ଚଣ୍ଡିଗଡ଼ର ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଅଭ୍ୟାସ ଆରମ୍ଭ କରିଥିଲେ। ସେ ସାମ୍ବିଧାନିକ, ସେବା ଏବଂ ଦେୱାନୀ ମାମଲାରେ ନିଜର ଗଭୀର ବୁଝାମଣା ଏବଂ ଶକ୍ତିଶାଳୀ ଯୁକ୍ତି ସହିତ ଶୀଘ୍ର ନିଜକୁ ପ୍ରତିଷ୍ଠିତ କରିଥିଲେ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



····· ଖବର ······

## ଜୟ ଭାନୁଶାଳୀ ଏବଂ ମାହି ଭିଜଙ୍କ ଛାଡପତ୍ରକୁ ନେଇ ଚର୍ଚ୍ଚା



ଟିଭି ଜଗତରେ ଡିଭୋର୍ସକୁ ନେଇ ଏକ ଖବର ସାମ୍ନାକୁ ଆସିଛି । ଜୟ ଭାନୁଶାଳୀ ଏବଂ ମାହି ଭିଜଙ୍କ ସାତ ଜନ୍ମର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଛି । ବିବାହର ୧୫ ବର୍ଷ ପରେ ଦୁହେଁ ଅଲଗା ହେବାର ନିଷ୍ପତ୍ତି ନେଇଛନ୍ତି । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି । ଏଭଳି ଖବର ସାମ୍ନାକୁ ଆସିବା ପରେ ଫ୍ୟାନ୍ସଙ୍କୁ ଆଶ୍ଚର୍ଯ୍ୟ କରିଛି ।ଜୟ ଭାନୁଶାଳୀ ଏବଂ ମାହି ଭିଜ୍ ସେମାନଙ୍କର ୧୫ ବର୍ଷର ବୈବାହିକ ଜୀବନକୁ ସବୁଦିନ ପାଇଁ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସମ୍ପର୍କକୁ ବଢ଼େଇବାକୁ ଚେଷ୍ଟା କରିବା ସତ୍ତ୍ୱେ ଦୁହେଁ ବିଫଳ ହୋଇଥିଲେ । ଶେଷରେ ଦମ୍ପତ୍ତିଙ୍କ ଡିଭୋର୍ସ ହୋଇଛି । ସେମାନଙ୍କର ଜୁଲାଇ-ଅଗଷ୍ଟରେ ପେପରରେ ସିଗ୍ନେଚର ଏବଂ ଫାଇନାଲ ହୋଇଥିଲା । ଏହା ଛଡ଼ା ପିଲାମାନଙ୍କର ହେପାଜତ ମଧ୍ୟ ସ୍ଥିର ହୋଇସାରିଛି । ଏବେ ଡିଭୋର୍ସର କାରଣ ଜଣାପଡିଛି ।ଆପଣଙ୍କୁ ଜଣାଇ ରଖୁଛୁ ଯେ, ମାହି ଭିଜଙ୍କର ଜୟ ଭାନୁଶାଳୀଙ୍କ ମଧ୍ୟରେ ଟ୍ରଷ୍ଟ ସମସ୍ୟା ହେବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବରୁ ସେମାନଙ୍କୁ ଏକାଠି ବ୍ଲଗରେ ଏବଂ ଫଟୋରେ ଦେଖିବାକୁ ମିଳୁଥିଲା । କିନ୍ତୁ ବର୍ତ୍ତମାନ ଏକାଠି ଫଟୋ ପୋଷ୍ଟ କରିବା ବନ୍ଦ କରି ଦେଇଛନ୍ତି । ସେମାନେ ଶେଷ ଥର ପାଇଁ ଅଗଷ୍ଟ ମାସରେ ଆୟୋଜିତ ହୋଇଥିବା ସେମାନଙ୍କ ଝିଅ ତାରାଙ୍କ ଜନ୍ମଦିନ ପାର୍ଟିରେ ନଜର ଆସିଥିଲେ । କିନ୍ତୁ ଏହା ଉପରେ ଦମ୍ପତ୍ତି କୌଣସି ପ୍ରତିକ୍ରିୟା ରଖି ନାହାଁନ୍ତି ।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ



ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

- ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।
- ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।
- ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।
- ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋଟୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

## ଧନ ଓ ସୌଭାଗ୍ୟର ଦେବୀ



ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ। ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:**

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**ମୋଟାପଣ କମ କରିଥାଏ:**

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

**ଗ୍ୟାସ ସମସ୍ୟାରୁ ମୁକ୍ତି:**

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:**

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:**

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# କ୍ରୀଡ଼ା ଭିତ୍ତିଭୂମି ଅଗ୍ରଗତି ନେଇ ସମୀକ୍ଷା

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେଉଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଜି ବିଭିନ୍ନ ରାଜ୍ୟର ଦୃଷ୍ଟି ଆକର୍ଷଣ କରିପାରିଛି। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ତୃଣମୂଳସ୍ତରରୁ କ୍ରୀଡ଼ାକୁ ଆଗେଇ ନେବା ପାଇଁ ଥିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଧିକାରୀ ତଥା ଇଂଜିନିୟରମାନଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଆଜି ଲୋକସେବା ଭବନଠାରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ କେବଳ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ନୁହେଁ କ୍ରୀଡାର ସାମଗ୍ରିକ ବିକାଶ କରିବାକୁ ହେଲେ ଆମକୁ ତୃଣମୂଳ ସ୍ତରକୁ ଯିବାକୁ ହେବ ଓ ଓଡ଼ିଶାର ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ଭରି ରହିଛନ୍ତି ଓ ସେମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ତାଲିମ ସୁବିଧା ଯୋଗାଇ ଦେଇ ପାରିଲେ ଆମେ ଓଡିଶାକୁ କ୍ରୀଡ଼ା କ୍ଷେତ୍ରରେ ଗର୍ବିତ କରିପାରିବା ଓ ତେଣୁ ରାଜ୍ୟ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ନେଇ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୁରା କରିବାକୁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି କ୍ରୀଡ଼ା ମନ୍ତ୍ରୀ କହିଥିଲେ।

ବୈଠକରେ ରାଜ୍ୟରେ ନିର୍ମାଣାଧୀନ ବିଭିନ୍ନ ସ୍ୱିମିଂ ପୁଲ୍ କମ୍ପ୍ଲେକ୍ସ, ଯାଜପୁର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ସମ୍ବଲପୁର ଓ ଝାରସୁଗୁଡ଼ାସ୍ଥିତ ଆଇକୋନିକ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହ ଇନଡୋର ହଲ୍ ସବୁର ନିର୍ମାଣ ଡିଜାଇନ୍, ଫୁଟବଲ୍ ଟ୍ରେନିଂ ସେଣ୍ଟର ସମ୍ବଲପୁର ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ଏଥି ସହ ଆଗାମୀ ଦିନରେ ପ୍ରସ୍ତାବିତ ଝାରସୁଗୁଡ଼ା ଓ ଭଦ୍ରକଠାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ଖେଳାଳୀମାନଙ୍କୁ ବିଶ୍ୱସ୍ତରୀୟ ତାଲିମ ସୁବିଧା ଦେବା ପାଇଁ ପ୍ରତ୍ୟେକ ନିର୍ମାଣ ଭିତ୍ତିଭୂମିକୁ ଅନ୍ତର୍ଜାତୀୟ ମାନର କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥି ସହିତ ଡିପିଆର୍ ପ୍ରସ୍ତୁତି ସମୟରେ ସବୁ ଦିଗକୁ ଗୁରୁତ୍ୱ ଦେବା ସହିତ ନିର୍ମାଣ ସମୟରେ ଆଧୁନିକ ଜ୍ଞାନକୌଶଳ ଓ ଉନ୍ନତ ଯନ୍ତ୍ରପାତିର ବ୍ୟବହାର କରିବା ନେଇ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗୁରୁତ୍ୱ ଦେଇଥିଲେ। ବୈଠକରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ଇଅ।ଇସି (ସିଭିଲ୍) ସତ୍ୟବ୍ରତ ବେହେରା, ଓବିସିସି ଏମଡ଼ି ସମୀର୍ ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ପ୍ରିୟବ୍ରତ ସାମନ୍ତରାୟ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ଆଦିବାସୀ, ଅନୁସୂଚିତ ଜାତି ବିରୋଧି

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ରାଜ୍ୟରେ ବିଜେପି ସରକାର ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହେଲେ ଏପରିକି ମହାମହୀମ ରାଷ୍ଟ୍ରପତି ମହୋଦୟା ମଧ ଓଡ଼ିଶାରୁ ଏବଂ ଏହି ଜନଜାତି ବର୍ଗର କିନ୍ତୁ ରାଜ୍ୟରେ ଏହି ୧୬ ମାସ ମଧରେ ଆଦିବାସୀ ବର୍ଗଙ୍କ ଉପରେ ଅଧିକ ଅତ୍ୟାଚାର ଓ ଆକ୍ରମଣ ବୃଦ୍ଧି ଘଟିବା ସହିତ ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗଙ୍କୁ କିଭଳି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ମିଳିବ ନାହିଁ ସେଥିପାଇଁ ଏକ ଷଡଯନ୍ତ୍ର କରିଛନ୍ତି ବୋଲି ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସମସ୍ତ ତଥ୍ୟ ସହ ଏ ସରକାରର ଆଦିବାସୀ ବିରୋଧି ନୀତି ଓ ନିଷ୍ପତ୍ତିର ଖୁଲାସା କରିଛନ୍ତି।



କଂଗ୍ରେସ ଅଭିଯୋଗ କରିଛି ଯେ ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆଦିବାସୀ ମାନଙ୍କର ବିକାଶ ପାଇଁ ଏପର୍ଯ୍ୟନ୍ତ ଆଇଟିଡିଏ ଅଫିସଟିଏ ଖୋଲାଯାଇ ପାରିଲା ନାହିଁ। ରାଜ୍ୟ କଂଗ୍ରେସର ପ୍ରତିଶ୍ରୁତି ନୂଆପଡ଼ା ଉପନିର୍ବାଚନ ସରିଲେ ନୂଆପଡ଼ା ଅଞ୍ଚଳରେ ଆଇଟିଡିଏ ଅଫିସ ଖୋଲିବାପାଇଁ କଂଗ୍ରେସ ଦଳ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ସହିତ ସମସ୍ତ ଚାପ ପ୍ରୟୋଗ କରି ଏ କାର୍ଯ୍ୟ କରିବ।

ଶ୍ରୀ ମହାନ୍ତି କହିଥିଲେ ଯେ ଓଡ଼ିଶାରେ ବିଜେପି ଦଳ ଓସରକାର ରାଜ୍ୟର ଆଦିବାସୀ ଓ ଅନୁସୂଚିତ ଜାତିବର୍ଗଙ୍କର ଘୋର ବିରୋଧି। ରାଜ୍ୟରେ ୩୧୪ ବ୍ଲକ ଓ ୬୭୯୪ ଗ୍ରାମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏ ପର୍ଯ୍ୟନ୍ତ ୬୭ଲକ୍ଷ ୨୪ ହଜାର ଲୋକଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ମାତ୍ର ୪୪ଲକ୍ଷ ୭୦ ହଜାର ଆକ୍ଟିବ ଜବକାର୍ଡ ଅଟେ। ଏହି ସମସ୍ତ ଜବକାର୍ଡଧାରୀଙ୍କ ମଧ୍ୟରୁ ଆଦିବାସୀ ବର୍ଗର ସଂଖ୍ୟା ୩୭ ପ୍ରତିଶତ ହୋଇଥିଲା ବେଳେ ଅନୁସୂଚିତ ଜାତିବର୍ଗର ଜବକାର୍ଡଧାରୀ ମାତ୍ର ୧୪.୭ ପ୍ରତିଶତ। ରାଜ୍ୟରେ ଲକ୍ଷ ଲକ୍ଷ ଆଦିବାସୀ ଓ ଅନୁସୂଚିତ ଜାତିର ପରିବାର ଗ୍ରାମାଞ୍ଚଳରେ କାମପାଇବା ପରିବର୍ତେ ବେରୋଜଗାର ହୋଇ ନିଜ ଅଞ୍ଚଳ ଛାଡ଼ି ଦେଶର ବିଭିନ୍ନ ରାଜ୍ୟକୁ ଦାଦନ ଶ୍ରମିକ ଭାବରେ ଚାଲିଯାଉଛନ୍ତି।

ଏହି ୧୬ ମାସ ଭିତରେ ୧୯ ଜବକାର୍ଡ ଧାରୀ ପରିବାରକୁ ୧୦୦ ଦିନର କାମ ଦିଆଯିବାର ଯେଉଁ ଆଇନ ରହିଛି ତାହାର ଖୋଲା ଉଲ୍ଲଙ୍ଘନ କାହିଁକି ହେଉଛି।

# ଭିଏସ୍ଏସ୍ ନଗରରେ କାଳୀପୂଜା ଭଷାଣୀ



**ଭୁବନେଶ୍ୱର,୨୭।୧୦ (ମହାଭାରତ):** ସାର୍ବଜନୀନ ଦୁର୍ଗାପୂଜା ସମିତି, ବୀର ସୁରେନ୍ଦ୍ରସାଏ ନଗର ପକ୍ଷରୁ ଗତକାଲି ରାତିରେ ଶ୍ୟାମାକାଳୀଙ୍କର ଭଷାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା ମଣ୍ଡପରୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ କଲୋନୀ ଭିତରେ ଶୋଭାଯାତ୍ରା କରି କୁଆଖାଇ ନଦୀରେ ମାଆଙ୍କୁ ମେଲାଣି ଦେଇଥିଲେ। କାଳୀ ପୂଜା ଅବସରରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ଦୁର୍ଗାପୂଜା ସମିତିର ପୁର୍ବତନ କର୍ମକର୍ତ୍ତା ଗିରିଜା ପ୍ରସାଦ ମହାନ୍ତି, ଶୋଭାକର ଦାସଫଂତେସିଂ, ଗୋଲକ ଚନ୍ଦ୍ର ସାମଲ, ପ୍ରମୋଦ କୁମାର ମହାନ୍ତି ଓ ତୋରଣ କାରିଗର ପ୍ରଣବ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କର ନୃତ୍ୟ ପରିବେଷଣ ହେବା ସହିତ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିବା ବେଳେ ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡା, ଉପ-ସଭାପତି ବ୍ରିଗେଡିଅର ହରିହର ତ୍ରିପାଠୀ, ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, କର୍ତ୍ତା ନିତ୍ୟରଞ୍ଜନ ନନ୍ଦ, କୋଷାଧକ୍ଷ ଭ୍ରମରବର ସାହୁ, ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ, ଖଗେଶ୍ୱର ପରିଡା, ରାମଚନ୍ଦ୍ର ସାମଲ, ମନୋଜ କୁମାର ସାହୁ ଓ ସଂଞ୍ଜୟ କୁମାର ସ୍ୱାଇଁଙ୍କ ସହିତ କାର୍ଯନିର୍ବାହୀ ସମିତି ସଦସ୍ୟ ଦାମୋଦର ଶତପଥୀ, ଶିତଳ ଚନ୍ଦ୍ର ମହାନ୍ତି, ତ୍ରିଲୋଚନ ରଥ, ଶଶିଭୂଷଣ ଦାସ, ମହେଶ୍ୱର ବିଶ୍ୱାଳ, ପ୍ରକାଶ ଦାସ, ରଞ୍ଜିତ ପୃଷ୍ଟି, ବରୁଣସାହୁ, ଚନ୍ଦନ ବେହେରା, ଜ୍ଞାନ ବେହେରା, ଆଦିତ୍ୟସେଠୀ, ଦୀପକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା କଂଗ୍ରେସ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ଏବଂ ନୂଆପଡା ବିଧାନସଭା ଉପନିର୍ବାଚନ ସମୟରେ ସରକାରୀ କଳର ଅପବ୍ୟବହାର ସମ୍ପର୍କରେ ଆଜି ପିସିସି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ତଥ୍ୟ ପ୍ରମାଣ ସହିତ ଏକ ଦାବିପତ୍ର ଦେଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିର୍ବାଚନ ସମୟରେ ନୂଆପଡାକୁ ଏକ ରାଜନୈତିକ ପ୍ରଚାର ଗସ୍ତ କରୁଛନ୍ତି ଏବଂ ସାର୍ବଜନୀନ ଭାବରେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି। ଏହି ରାଜନୈତିକ ପ୍ରଚାର ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ସରକାରୀ ମିଡିଆ ସେଲ୍ ହ୍ୱାଟସପ୍ ମାଧ୍ୟମରେ ସରକାରୀ ଲୋକସମ୍ପର୍କ ଅଧିକାରିଣୀ ତନୂଜା ମହାନ୍ତି ପୋଷ୍ଟ କରୁଛନ୍ତି। ଯାହା ନିର୍ବାଚନ ପ୍ରଚାର ପାଇଁ ସରକାରୀ କଳର ସିଧାସଳଖ ଅପବ୍ୟବହାର ସହିତ ସମାନ ହେଉଛି ବୋଲି କଂଗ୍ରେସ ଦର୍ଶାଇଛି। ଏପରିକି ଉକ୍ତ ଲୋକସମ୍ପର୍କ ଅଧିକାରିଣୀ ଯିଏ କି ଜଣେ ସରକାରୀ କର୍ମଚାରୀ ଏବଂ ଉକ୍ତ ହ୍ୱାଟ୍ସଆପ୍ ଗ୍ରୁପ୍ ର ଆଡମିନ ଅଟନ୍ତି ସେ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଏବଂ ପ୍ରଚାର ବାର୍ତ୍ତାକୁ ପ୍ରୋତ୍ସାହିତ କରୁଥିବା ଫଟୋଗ୍ରାଫ୍, ଫେସବୁକ୍ ଲିଙ୍କ୍ ଏବଂ ପ୍ରଚାର ବିଷୟବସ୍ତୁକୁ ହ୍ୱାଟ୍ସଆପ୍ ଗ୍ରୁପରେ ପୋଷ୍ଟ କରିବା ସହ ଟିଭି ସ୍କ୍ରୋଲିଂ ପାଇଁ ଅନୁରୋଧ ମଧ କରିଥିବା ଉଲ୍ଲେଖ କରାଯାଇଛି। ଉକ୍ତ ପ୍ରଚାର ବାର୍ତ୍ତାଟି ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସରକାରୀ ସୋସିଆଲ ମିଡିଆ ପୃଷ୍ଠାରେ ମଧ ପୋଷ୍ଟ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ନିୟନ୍ତ୍ରିତ ଗଣମାଧ୍ୟମ ନେଟୱାର୍କ ମାଧ୍ୟମରେ ପ୍ରସାରିତ ହୋଇଛି। ଏହି କାର୍ଯ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ଆଦର୍ଶ ଆଚରଣ ସଂହିତା, ବିଶେଷକରି ଧାରା ୮ (କ୍ଷମତାରେ ଥିବା ଦଳ)କୁ ଉଲ୍ଲଂଘନ କରୁଛି। ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡ ମନିଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଯୋଜନା ସମ୍ପର୍କରେ ଦକ୍ଷତା ବିକାଶ କର୍ମଶାଳା



**ଭୁବନେଶ୍ୱର,୨୭।୧୦ (ମହାଭାରତ):** ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀସ୍ଥିତ ରପ୍ତାନି ଭବନ ସମ୍ମିଳନୀ କକ୍ଷରେ "ସରକାରୀ ଅଧିକାରୀଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା" ଆୟୋଜିତ ହୋଇଯାଇଛି। ସରକାରୀ ଅଧିକାରୀ ଓ ବାଣିଜ୍ୟ ବିକାଶ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ବୃଦ୍ଧି, ଏମ୍ଏସ୍ଏମ୍ଇ ଯୋଜନା ବିଷୟରେ ବ୍ୟାପକ ସଚେତନତା, ସମୟ ଉପଯୋଗୀ ସେବା ପ୍ରଦାନ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କୁ ଅଧିକ ଦକ୍ଷ କରିବାରେ ଏହି କର୍ମଶାଳା ସହାୟକ ହେବ।

କାର୍ଯ୍ୟକ୍ରମର ଆରମ୍ଭରେ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଉପସ୍ଥାପନ କରିଥିଲେ। ଏମ୍ଏସ୍ଏମ୍ଇ ବିଭାଗର ଯୁଗ୍ମ ସଚିବ ନାରାୟଣ ଚନ୍ଦ୍ର ନାୟକ, ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଫିକିର ଅତିରିକ୍ତ ନିର୍ଦ୍ଦେଶକ ବି. କେ. ନାୟକ, ସହାୟକ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ପ୍ରମୁଖ ବାଣିଜ୍ୟ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଉପରେ ଆଲୋକପାତ କରିଥିବା ବେଳେ ହାର୍ବିଞ୍ଜର ସର୍ଜିକାଲ୍ସର ରୁକ୍ ମଙ୍ଗଦା ଦାଶ କର୍ମଶାଳାରେ ନିଜର ଅନୁଭୂତି ବାଂଟିଥିଲେ। କଟକ ଓ ଭୁବନେଶ୍ୱରର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧିକାରୀ ଏହି କର୍ମଶାଳାରେ ମଧ ଯୋଗଦାନ କରିଥିଲେ।

# ସ୍କାଉଟ୍ସ୍ ଓ ଗାଇଡ୍ସ୍ ଦ୍ୱାରା ବେସିକ୍ ଏବଂ ଆଡଭାନ୍ସଡ ତାଲିମ



**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ଏବଂ ଆଡ୍ଭାନ୍ସଡ ସ୍କାଉଟ ମାଷ୍ଟର ତାଲିମ ଶିବିର (ଉଚ୍ଚବିଦ୍ୟାଳୟ ଶିକ୍ଷକ) ଏକାଦିକ୍ରମେ ଦୁଇ ଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ୨୩ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଶିବିରରେ ୧୨ ଗୋଟି ଜିଲ୍ଲାରୁ ବେସିକ୍ ଏବଂ ଆଡଭାନ୍ସଡ ତାଲିମ ପାଇଁ ମୋଟ ୯୪ ଜଣ ସ୍କାଉଟ ମାଷ୍ଟର ଯୋଗଦାନ କରିଛନ୍ତି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ପେଟ୍ରୋଲ୍ ଏକ୍ସପେଡିସନ, ନେଚର ରାମ୍ବଲିଙ୍ଗ୍, ଆଉଟ ଡୋର ଆକ୍ଟିଭିଟିଜ୍, ମ୍ୟାପିଙ୍ଗ, କମ୍ପାସ୍, ଇଷ୍ଟିମେସନ, କ୍ୟାମ୍ପକ୍ରାଫ୍ଟ ଏବଂ ପ୍ରାଥମିକ ଚିକିତ୍ସା ଆଦିର ତାଲିମ ବରିଷ୍ଠ ତାଲିମ ଦାତା ମାନଙ୍କ ଦ୍ୱାରା ଦିଆଯାଉଛି।

# ଘରକୁ ଘର ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କର୍ତ୍ତୃପକ୍ଷ ବର୍ଜ୍ୟ ସଂଗ୍ରହ ଏବଂ ରାସ୍ତା ସଫେଇ ସମ୍ବନ୍ଧୀୟ ପ୍ରାରମ୍ଭିକ ସମାଧାନ ପ୍ରଦାନ କରି ବର୍ଜ୍ୟ ସଂଗ୍ରହକୁ ମଜବୁତ କରିବା ପାଇଁ ଏକ ଅଭିନବ ଚିନ୍ତାଧାରା ନେଇ ଆସିଛନ୍ତି। ବର୍ଜ୍ୟ ସଂଗ୍ରହ ପୂର୍ବ ଅପେକ୍ଷା ସହଜ ହେବ ଏବଂ ଗୋଷ୍ଠୀର ସଦସ୍ୟମାନେ ବର୍ତ୍ତମାନ ଗୋଟିଏ କଲରେ ଶୀଘ୍ର ସେବା ପାଇପାରିବେ। ଭୁବନେଶ୍ୱର ମହାନଗର ନିଗମ ଏହି ଉଦ୍ଦେଶ୍ୟରେ ଅଂଶୀଦାର ଏନ୍‌ଜିଓ ମାନଙ୍କୁ ନିୟୋଜିତ କରି ଏହି ପଦକ୍ଷେପ ନେଇଛି।

ଏଭଳି ପ୍ରୟାସ ଦ୍ୱାରା ସଂଗ୍ରହ ଏବଂ ବିଏମ୍ସି ସୀମା ମଧ୍ୟରେ ରାସ୍ତା ସଫା କରିବା ବିଷୟରେ ନାଗରିକମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ପାଇଁ ଉତ୍ସର୍ଗୀକୃତ ଦଳ ନିୟୋଜନ କରିଛି। ଜଣେ ନାଗରିକ ୧୯୨୯ ରେ ଅଭିଯୋଗ ଦାଖଲ କରିବାକୁ କଲ୍ କରିପାରିବେ ଯେଉଁଠାରେ କଲ୍‌ର ଅନଲାଇନ୍ ସ୍ଥାନାନ୍ତର ନିୟୋଜିତ ଦଳ ଦ୍ୱାରା କରାଯାଏ। ଅଭିଯୋଗ ପାଇବା ପରେ, ୧୯୨୯ ନିୟନ୍ତ୍ରଣ କକ୍ଷରେ ଡ୍ୟାସ୍ ବୋର୍ଡ ସମ୍ମୁଖରେ ଉପସ୍ଥିତ ଦଳର ସଦସ୍ୟମାନେ ଏହା ଉପରେ କାର୍ଯ୍ୟ କରନ୍ତି। ଡ୍ୟାସ୍ ବୋର୍ଡରେ ଯାନର ଗତିବିଧିକୁ ଅଟକାଇ, ଦଳର ସଦସ୍ୟମାନେ ନିର୍ଦ୍ଦିଷ୍ଟ 'ସଫେଇ ଗାଡି'ର ଗତିବିଧି ଏବଂ ଏହାର ସ୍ଥିତିକୁ ଟ୍ରାକ୍ କରନ୍ତି। ଏହା ପରେ ନିର୍ଦ୍ଦିଷ୍ଟ ଅଭିଯୋଗ ଡ୍ୟାସ୍ ବୋର୍ଡରେ ଅପଲୋଡ କରାଯାଇଥାଏ। ଯେଉଁଠାରେ ସମ୍ପୃକ୍ତ ସାନିଟାରୀ ଇନ୍ସପେକ୍ଟର (ଏସ୍ଆଇ) ଅଭିଯୋଗକୁ ଡିକୋଡ୍ କରନ୍ତି ଏବଂ ସମସ୍ୟାର ସମାଧାନ ପାଇଁ କ୍ଷେତ୍ର କର୍ମଚାରୀ ଏବଂ ନିର୍ଦ୍ଦିଷ୍ଟ 'ସଫେଇ ଗାଡି'ଙ୍କୁ ନିର୍ଦ୍ଦେଶ ଦିଅନ୍ତି। ଅଭିଯୋଗର ସମାଧାନ ହେବା ମାତ୍ରେ, ଏହାକୁ ଡ୍ୟାସ୍ ବୋର୍ଡରେ ଅପଲୋଡ କରାଯାଇଥାଏ ଏବଂ ମନିଟରିଂ ଟିମ୍ ସେହି ଅନୁଯାୟୀ ମାମଲାର ସମାଧାନ ଡକ୍ୟୁମେଣ୍ଟ କରିଥାଏ। ସକାଳ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦୁଇଟି ଦଳ ଅଭିଯୋଗର ସମାଧାନ ପାଇଁ ନିୟୋଜିତ ଅଛନ୍ତି ଏବଂ ପ୍ରତ୍ୟେକ ଦଳରେ ତିନି ଜଣ ପେସାଦାର ଅଛନ୍ତି। ଗତ ୧୫ ଦିନ ମଧ୍ୟରେ ଏହି ପଦକ୍ଷେପର ପରୀକ୍ଷଣ ବେଶ୍ ଫଳପ୍ରଦ ହୋଇଛି ଏବଂ ଜନସାଧାରଣଙ୍କ ସନ୍ତୋଷଜନକ ମନ୍ତବ୍ୟ ଏହି ପଦକ୍ଷେପକୁ ଜାରି ରଖିବା ପାଇଁ ଉତ୍ସାହଜନକ ରହିଛି। ସଫା ଆପରେ ଯୋଡ଼ାଯାଇଥିବା ଏହି ପଦକ୍ଷେପ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କାରଣରୁ ନାଗରିକମାନଙ୍କୁ ସନ୍ତୁଷ୍ଟ କରୁଛି। ବର୍ତ୍ତମାନ ଜିପିଏସ୍ ସୁବିଧା ସହିତ ୪୫୫ ଟି ବର୍ଜ୍ୟ ସଂଗ୍ରହ ଯାନ ବସ୍ତିରୁ ପୃଥକ ବର୍ଜ୍ୟ ସଂଗ୍ରହ କରିବାକୁ ନିୟୋଜିତ। ସହରରେ ବର୍ଜ୍ୟ ସଂଗ୍ରହ ଏବଂ ରାସ୍ତା ସଫା କରିବାରେ ଉନ୍ନତି ଆଣିବା ପାଇଁ ସହରବାସୀଙ୍କୁ ଏହି ସୁବିଧାର ଉପଯୋଗ କରିବାକୁ ଅନୁରୋଧ କରାଯାଇଛି; କମିଶନର ଶ୍ରୀ ଚଞ୍ଚଳ ରାଣା ଅନୁରୋଧ କରିଛନ୍ତି। ନାଗରିକମାନଙ୍କ ସହଯୋଗରେ ଏହି ପଦକ୍ଷେପ ବ୍ୟବହାରକାରୀଙ୍କ ପାଇଁ ବେଶ୍ ଅନୁକୂଳ ହେବ ବୋଲି ସେ କହିଛନ୍ତି।

# ଅମଲା କଲ୍ୟାଣ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ରବିବାର ଦିନ ପୂର୍ବତଟ ରେଳବାଇ ଅବସର ପ୍ରାପ୍ତ ଅମଲା କଲ୍ୟାଣ ସଂଘ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆଦି ମାତା କଲୋନୀ ସ୍ଥିତ ଶାନ୍ତି ଶିଶୁ ମନ୍ଦିର ପରିସରରେ ଆୟୋଜନ କରାଯାଇଥିଲା। ଅଭିଜ୍ଞ ଡାକ୍ତରୀ ଟିମ୍‌ମାନଙ୍କ ଦ୍ୱାରା ଲୋକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇ ଥିଲା। ବିଶିଷ୍ଟ ସମାଜସେବୀ ଶ୍ରୀମତୀ ରଶ୍ମି ମହାପାତ୍ର ସ୍ୱାସ୍ଥ୍ୟ ଶିବିରଟିକୁ ଉଦଘାଟନ କରିଥିଲା ବେଳେ ସଂଘର ସଭାପତି ଆଶୁତୋଷ ମହାପାତ୍ର, ସାଂଗଠନିକ ସମ୍ପାଦକ ବାଙ୍କନିଧି ମହାରଣା, ଯୁଗ୍ମ ସଂପାଦକ ଜୟନ୍ତ ବାରିକ, କୋଷାଧକ୍ଷ ଜିତେନ୍ ସ୍ୱାଇଁ, ସହକାରୀ ସାଂଗଠନିକ ସମ୍ପାଦକ ନବଘନ ନାୟକ, ବରିଷ୍ଠ ସଭ୍ୟ



ଦୁର୍ଯୋଧନ ବିଶ୍ୱାଳ, ଅକ୍ଷୟ ସାହୁ ତଥା ଶାନ୍ତି ଶିଶୁ ମନ୍ଦିରର ସଂପାଦକ ଓ କଲ୍ୟାଣ ସଂଘର ବରିଷ୍ଠ ସଭ୍ୟ ଅଶୋକ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଡା. ସୁଧାଂଶୁ ମୋହନ ପୃଷ୍ଟି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ।

# ରାଜ୍ୟରେ ନୂତନ ସ୍କୁଲ ବନ୍ଦ ଖବର ଭିତ୍ତିହୀନ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ରାଜ୍ୟରେ ନୂତନ ଭାବେ ସ୍କୁଲ ବନ୍ଦ କିମ୍ବା ମିଶ୍ରଣ ହେବାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ଖବର ସମ୍ପୂର୍ଣ୍ଣ ଭିତିହୀନ ଅଟେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷକ୍ଷରୁ ଏକ ବିବୃତିରେ କୁହାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ସଂଖ୍ୟା ୫୪୬୫ ତା. ୧୧.୦୩.୨୦୨୦ ଓ ସ୍ମାରକ ପତ୍ର ସଂଖ୍ୟା ୫୫୩୮ ତା. ୧୧.୦୩.୨୦୨୦ ଅନୁଯାୟୀ, ୨୦୨୦-୨୧ ମସିହାରେ ରାଜ୍ୟରେ ମୋଟ ୫୬୩୨ ଟି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଥିଲା।

# ଆଧ୍ୟାତ୍ମିକ ଜୀବନ ଶାନ୍ତି ଆନନ୍ଦର ମୂଳ ଉତ୍ସ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ପ୍ରାକ୍ତନ ଅଧିକାରୀମାନଙ୍କଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନର ମାସିକ ଆଲୋଚନାଚକ୍ର ଭିଆଇପି କଲୋନୀସ୍ଥିତ ରାମକୃଷ୍ଣ ମଠ ସଭା ଗୃହରେ ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓ ବକ୍ତାଭାବେ ସୁସାହିତ୍ୟିକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଆଦିଗୁରୁ ଶଙ୍କରାଚାର୍ଯ୍ୟ, ମା' ସାରଦା ଦେବୀ




ଆଦିଙ୍କ ଜୀବନାଦର୍ଶ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ବେଦ ବେଦାନ୍ତ ଉପନିଷଦ ଓ ଅନ୍ୟାନ ଧର୍ମଗ୍ରନ୍ଥ ଆଦି ନିୟମିତ ପାଠ କଲେ ବ୍ୟକ୍ତିର ଜୀବନ ଆନନ୍ଦମୟ, ସୁସ୍ଥ ଓ ନିରାମୟ ହେବ ବୋଲି ମତ ପ୍ରକାଶ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସମାକାନ୍ତ ମିଶ୍ର ଆଧ୍ୟାତ୍ମିକ ଜୀବନର ବ୍ୟାଖ୍ୟା କରିବା ସହ ବରିଷ୍ଠ ନାଗରିକମାନେ ଏଥିପ୍ରତି ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ନାଟ୍ୟକାର ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମୁରଲୀ ଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସହସ୍ର ନାମ ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରବୋଧ କୁମାର ମହାନ୍ତି, ବିଜୟ କୁମାର ଦାଶ, ବିଜୟ କୁମାର ବରାଳ, ଦୈତାରୀ ସେଠୀ ଆଦି ପରିଚାଳନା କରିଥିଲେ।

# ଶିକ୍ଷକଙ୍କ ସମସ୍ୟା ଯଥାଶୀଘ୍ର ସମାଧାନ କରନ୍ତୁ ସରକାର : ଓଷ୍ଟା

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ମାଧ୍ୟମିକ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଗୁଡ଼ିକୁ ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ଓଡ଼ିଶାର ଅନୁଦାନରୁ ବଞ୍ଚିତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ଶିକ୍ଷକମାନଙ୍କୁ ସପ୍ତମ ବେତନ ପ୍ରଦାନ, ଅବସର ପରେ ପେନସନ୍ ପାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନସନ୍ ପ୍ରଦାନ, ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକର ସରକାରୀକରଣ, ୨୮୦୦, ୨୨୦୦, ୧୯୦୦ ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୨ଟି ପିଅନ ଓ ୩୮, ୪୬, ୬୩ ବିଦ୍ୟାଳୟଙ୍କୁ ୨୦୦୮ ପରିବର୍ତ୍ତେ ୨୦୦୪ରୁ ଆଣ୍ଟିଡେସନ ପ୍ରଦାନ, ହିନ୍ଦୀ, ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ହାରରେ ଦରମା ପ୍ରଦାନ, ୪୮ ବର୍ଷରେ ପଦାର୍ପଣ କରି କୋର୍ଟର ନିର୍ଦ୍ଦେଶ ପାଇଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟି.ଜି. ସ୍କେଲ ପ୍ରଦାନ, ଆଲେଜେଡ୍ ଓ ସେକ୍ସନ ଶିକ୍ଷକମାନଙ୍କୁ ରେଗୁଲାର କରିବା, ଆର.ଏ. ସ୍କିମ୍ର ପୁନଃ ପ୍ରଚଳନ କରିବା, ଶୂନ୍ୟପଡ଼ିଥିବା ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦବୀ ପୂରଣ, କ୍ରୀଡ଼ା ଶିକ୍ଷକମାନଙ୍କୁ ବିଏ ବି.ପି.ଏଡ଼./ ବିଏ ସି.ପି.ଏଡ଼. ଭିତ୍ତିରେ ଉଚ୍ଚତର ଦରମା ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଅଫିସ୍ ସହାୟକ ମାନଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ଉର୍ଦ୍ଦୁ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନିକ୍ରିମେଣ୍ଟ ପ୍ରଦାନ ଓ ନୂତନ ପେନସନ୍ ସ୍କିମ୍ (ଏନ୍.ପି.ଏସ୍) ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍ (ଓ.ପି.ଏସ୍) ପ୍ରଚଳନ କରିବା ଇତ୍ୟାଦି ଓଷ୍ଟାର ଦାବି ରହିଛି।

ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଏହିସବୁ ଅସମାହିତ ସମସ୍ୟାବଳୀଗୁଡ଼ିକର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଜଣାଇବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଉପରୋକ୍ତ ଦାବି ଉପରେ ସହୃଦୟତାର ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବାପାଇଁ ଦୃଢ଼ ଦାବୀ କରିଛନ୍ତି।

# ସାଇବର ଅପରାଧ

ଦଙ୍ଗା, ଗୋଷ୍ଠୀ ସଂଘର୍ଷ ଏବଂ ଜଳାପୋଡ଼ା କମିଛି । କିନ୍ତୁ ଗୋଟିଏ କଥାକୁ ଶ୍ୱେତପତ୍ର ମାଧ୍ୟମରେ ସରକାର ସ୍ୱୀକାର କରିଛନ୍ତି ଯାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତାହା ହେଲା ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି । ଡିଜିଟାଲ କାରବାର ବଢୁଥିବା ବେଳେ ଏହା ସହିତ ତାଳ ଦେଇ ସାଇବାର କ୍ରାଇମ ମଧ୍ୟ ବଢୁଛି । ଏହାକୁ ରୋକିବାରେ ବା ସାଇବର ଅପରାଧୀଙ୍କଠାରୁ ଲୁଟ ଟଙ୍କା ଉଦ୍ଧାର କରିବାରେ ପୋଲିସକୁ ଯଥେଷ୍ଟ ସଫଳତା ମିଳିନି । ପୋଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଉଛନ୍ତି । ସାଇବର ଅପରାଧ ରୋକିବାକୁ ଥାନାରେ ସ୍ୱତନ୍ତ୍ର ସାଇବର ସେଲ ଖୋଲାଯାଇଛି । କିନ୍ତୁ ଏହା ସତ୍ତ୍ୱେ ଅପରାଧ ହାର ବଢ଼ିଚାଲିଛି । ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି । ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି । ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି । ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି । ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି । ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି । କାରଣ ସେମାନେ ସତର୍କ ହୋଇଯାଇଛନ୍ତି । କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି । ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି । ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ । କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ । କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି । ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି । ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି । ଏହା ଅଚଳ ହୋଇଯିବ । ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ । ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି । ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି । କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି । ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି । ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି । ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି । ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା । ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି । ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ । କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିକୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ ।

# ୱାର୍ଲଡ ଓଡିଶା ସୋସାଇଟିର ଜୟଯାତ୍ରା

**॥ ଡଃ ଅରୁନ୍ଧତୀ ଦେବୀ ॥**

> *ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡ଼ିଆ ଓସ୍ୱର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡ଼ିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନର ପ୍ରକାଶନ ବିଭାଗ ସହ-ସମ୍ପାଦକ ଡ. ତନ୍ମୟ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ୨୦୨୩ ମସିହାରେ ଅଭାସି ଯୋଗେ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।*

ଭିଡ଼ ବିଶ୍ୱ ମହାମାରୀର କରାଳ ଛାୟା ସର୍ବତ୍ର ଆତଙ୍କ ଖେଳାଇଥିବାବେଳେ, ସେହି ଅନ୍ଧକାର ମଧ୍ୟରୁ ଆଲୋକର ସ୍ମିତ ହସ ଖେଳାଇ ଜନ୍ମ ନେଲା ୨୦୨୧ ମସିହା ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଲଗ୍ନରେ ୱାଲର୍ଡ଼ ଓଡ଼ିଶା ସୋସାଇଟି । ସମଗ୍ର ପୃଥିବୀରେ ଓଡିଶାର ମହାନ୍ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରମ୍ପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡିଆ ମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଏବଂ ବିକାଶର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଏହାର ଉଦ୍ଦେଶ୍ୟ ଅଟେ । ବିନ୍ଦୁରୁ ସିନ୍ଧୁର ପରିବ୍ୟାପ୍ତି ଏହାର ଲକ୍ଷ୍ୟ, ୨୦୩୨ ରେ ଏକଶତ ବର୍ଷର ଓଡିଶାକୁ ଏକ ଗୌରବାଜ୍ୱଳ ଅବସ୍ଥାରେ ଦେଖିବାର ପ୍ରୟାସ । ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧକ୍ଷ ଦାୟିତ୍ୱ ବହନ କଲେ । ଏହି ସମୟର ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲେ ମୁଖ୍ୟ ପୃଷ୍ଟପୋଷକ । ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରମା' ଡଃ ଅରୁନ୍ଧତୀ ଦେବୀ ।

୨୦୨୧ ଫେବୃୟାରୀ ପନ୍ଦର ତାରିଖରେ ଏହାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା । ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାୟର କଲେ । ଦୁଇହଜାର ଏକୋଇଶ ଜୁନ୍ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଣ୍ଟଫାଉଣ୍ଡେସନ ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଋପ ପରିଋଳନା ନିମନ୍ତେ ଝରବକ୍ସମଷସଭଶ ଲକ୍ଟକ୍ସ ଝକ୍ଟଷବମର ନାମରେ ଏକ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହେଲା । ଜୁନ୍ କୋଡିଏ ଦୁଇ ହଜାର ଏକୋଇଶରେ ଏହି ସଂଗଠନ ଉଦୀୟମାନ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କର କୋଭିଡ୍ ଜନିତ ବିୟୋଗରେ ଅନ୍‌ଲାଇନ୍‌ରେ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା । ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡିଆ ମାନଙ୍କୁ ନେଇ "ଠବକ୍ଷସବଭସ୍ୱ ଚବସଳବ'ସ୍ୱ ଠରକ୍ସସ୍ୱକ୍ଟଭ କ୍ଟଲ ଠବକ୍ଷକ୍ଟଙ୍କସ୍ୱ" ନାମକରଣରେ ଏକ ଆଭାସି ସଭା ସଫଳତାର ସହିତ ହୋଇ ପାରିଥିଲା । ଏହାର ଉଦ୍‌ଘାଟକ ଓଡିଶାର ମାନ୍ୟବର ବାଚସ୍ପତି ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର କେନ୍ଦ୍ରମନ୍ତ୍ରୀ – ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁନିଲ ଶାସ୍ତ୍ରୀ, ମାନ୍ୟବର ସାଂସଦ କେନିଆ – ଡଃ ସ୍ୱରୂପ ରଂଜନ ମିଶ୍ର, ଓଡିଶାର କ୍ରୀଡା, ଯୁବବ୍ୟାପାର ଓ ଆଇ.ଟି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ହରିଜନ ସେବକ ସଂଘ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଅଧକ୍ଷ ପ୍ର. ଡଃ ଶଙ୍କର କୁମାର ସାନ୍ୟାଲ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅଶୋକ କୁମାର ମହାପାତ୍ର, ଇନ୍‌କମ୍‌ଟ୍ୟାକ୍ସ ମୁଖ୍ୟ କମିଶନର ଶ୍ରୀ ମନୋରଂଜନ ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ ରାଉତ ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗ ଦେଇଥିଲେ ।

ଦୁଇହଜାର ଏକୋଇଶ ସେପ୍ଟେମ୍ବର ଦଶ ତାରିଖରେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ୱାର୍ଲଡ ଓଡିଶା ସୋସାଇଟି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହେଲା । ଏହାର ୱେବ୍‌ସାଇଟ୍ ମଧ ମହାମହିମ ଉନ୍ମୋଚନ କଲେ । ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ର.ଡଃ. ଶ୍ରୀ ଗଣେଶି ଲାଲ୍ ଏକ ଶୁଭବାର୍ତ୍ତାରେ ଏହି ମହାନ ଅନୁଷ୍ଠାନ ପ୍ରବାସୀ ଓଡିଆ ମାନଙ୍କ ନିରାପତ୍ତା, ଉନ୍ନତିକୁ ଅଗ୍ରାଧିକାର ଦେବ ବୋଲି ଆଶାବ୍ୟକ୍ତ କଲେ । ଗୋଟିଏ ଛତା ତଳେ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆ ମାନଙ୍କୁ ଏକାଠି କରିବାର ଏହି ଉଦ୍ୟମକୁ ଶ୍ରୀଯୁକ୍ତ ପାତ୍ର ଉଚ୍ଚପ୍ରଶଂସା କଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଡଃ ସମ୍ବିତ ପାତ୍ର, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ରାଜକୁମାର, ଓଡିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଜନ ସମ୍ରାଟ ଶ୍ରୀ ଅନୂପ ଜଲୋଟା ସାଂସ୍କୃତିକ କାର୍ନିଭାଲ୍‌କୁ ଉଦ୍‌ଘାଟନ କରିଥିଲେ । ୨୦୨୧ ସେପ୍ଟେମ୍ବର ଉଣେଇଶ ତାରିଖ ମଧ୍ୟରାତ୍ରିରେ ଏହି ବିଶ୍ୱ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା – ବିଶିଷ୍ଟ ନାରିନେତ୍ରୀ, ସମାଜର ପୂର୍ବତନ ସଂପାଦିକା, ସୁସାହିତ୍ୟିକା, ବାଗ୍ମୀ, ଡ. ମନୋରମା ମହାପାତ୍ରଙ୍କ ପାଇଁ । ଅକ୍ଟୋବର ଏକ ତାରିଖ ଦୁଇହଜାର ଏକୋଇଶରେ ଏକ ଆନ୍ତର୍ଜାତିକ ୱେବିନାର କରାଗଲା – ଗାନ୍ଧିଜୀଙ୍କର ଓଡିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ "ଗାନ୍ଧୀ ଚର୍ଚ୍ଚା" ଶିରୋନାମାରେ, ଓଡିଶା ସରକାରଙ୍କ ଓଡିଶା ସାହିତ୍ୟ ଏକାଡେମୀର ସହଭାଗିତାରେ । ଏହାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ସାହିତ୍ୟ ଏକାଡେମୀ ସଭାପତି ଡଃ ହୃଷିକେଶ ମଲ୍ଲିକ, ଉପସଭାପତି ଡଃ ସଂଗ୍ରାମ ଜେନା, ସମ୍ପାଦକ ଶ୍ରୀ ପ୍ରବୋଧ ରାଉତ, ସମ୍ପାଦକ – ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଡଃ ସୁରେଶ ଚନ୍ଦ୍ର ଦଳାଇ, ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ପ୍ର.ଡଃ ଶଙ୍କର କୁମାର ସାନ୍ୟାଲ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ଅକ୍ଟୋବର ମାସ ଅଣତିରିଶ ତାରିଖ ୨୦୨୧ ରେ ଓସ୍ ଜାତୀୟ ପୁରସ୍କାର ବିଜେତା – ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କଲା । ଛଅ ନଭେମ୍ବର ୨୦୨୧ ରେ ଓସ୍ ଏହାର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କଲା । ଆଲୋକ ଉତ୍ସବ ମଧ ଆୟୋଜିତ ହୋଇଥିଲା । ମୁଖ୍ୟ କାର୍ଯ୍ୟାଳୟକୁ ଓଡିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗଣେଶିଲାଲ୍ ଉଦ୍‌ଘାଟନ କରି ଅନୁଷ୍ଠାନର ବୃହତ୍ତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ । ଏଥିରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୨୭ ନଭେମ୍ବର ୨୦୨୧ ରେ 'ଅଙ୍ଗଦାନ' ଶୀର୍ଷକ ଆଭାସୀ ସଭା ଇଣ୍ଡିଆନ୍ ଲିଭର ପେସେଣ୍ଟ ପାଉଣ୍ଡେସନ ସହଭାଗିତାରେ ଆୟୋଜନ କରାଯାଇଥିଲା । ଏଥିରେ ବହୁ ବିଖ୍ୟାତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶାରଦ ମାନେ ଯୋଗ ଦେଇଥିଲେ । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଶ୍ରୀ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପି.କେ. ହୋତା, ଇଂ. ପ୍ରଭାସ ଆର୍ଯ୍ୟ, ଡଃ ବ୍ରଜକିଶୋର ଦାସ ପ୍ରଭୃତି ଯୋଗ ଦେଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ନୈନା ଦାସ ବ୍ରାଣ୍ଡ୍ ଆମ୍ବାସଡର ଥିଲେ । ପ୍ରଥମ ପ୍ରତିଷ୍ଠା ଦିବସ ଜାନୁୟାରୀ ଚଉଦ ୨୦୨୨ରେ କରୋନା ବିଶ୍ୱ ମହାମାରୀର ପ୍ରକୋପ ଯୋଗୁଁ ସାଧାରଣ ଭାବେ ପାଳନ କରାଯାଇଥିଲା । ପୁରୀ ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବଡ ଦେଉଳ, ଦିଲ୍ଲୀ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଦେଶରେ ଥିବା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡ଼ିଆ ଓସ୍ୱର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡ଼ିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନର ପ୍ରକାଶନ ବିଭାଗ ସହ-ସମ୍ପାଦକ ଡ. ତନ୍ମୟ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ୨୦୨୩ ମସିହାରେ ଅଭାସି ଯୋଗେ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୋଭନୀୟ ଆନ୍ଦୋଳନ ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ୨୦୨୩ ମାର୍ଚ୍ଚ ମାସରେ ଶକ୍ତି ଉତ୍ସବ ପାଳିତ ହୋଇଥିଲା । ବିଖ୍ୟାତ ଓଡ଼ିଆ ସଂଗୀତ ଗାୟକ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ ୮୫ତମ ଜୟନ୍ତୀ ଆଭାସି ମାଧ୍ୟମରେ ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ମାନଙ୍କୁ ନେଇ ପାଳନ କରାଯାଇଥିଲା । ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆଦର୍ଶ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବାଚସ୍ପତି ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମୁଖ୍ୟ ପୃଷ୍ଟପୋଷକ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଆଭାସି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ସଭା ଆୟୋଜନ କରାଯାଇ ୱାର୍ଲଡ଼ ଓଡ଼ିଶା ସୋସାଇଟିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଉଭୟ ମାଧ୍ୟମରେ କରାଯାଇଥିଲା । ଉକ୍ତ ବିଶ୍ୱସ୍ତରୀୟ ଅନୁଷ୍ଠାନ ପୃଥିବୀର ୨୦ଟି ଦେଶରେ ଥିବା ଓଡ଼ିଆଙ୍କୁ ନେଇ ଆରମ୍ଭ ହୋଇଥିଲା । ଏବେ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଓ ଓଡ଼ିଶା ପ୍ରେମୀ ଏଥିରେ ୭୨ଟି ଦେଶରୁ ସଭ୍ୟ ଭାବେ ଯୋଗ ଦେଇଛନ୍ତି । ଏହି ମହତ ସଂଗଠନ ତାହାର ଜୟଯାତ୍ରାରେ ଆଗେଇ ଚାଲିଛି । ଓଡିଶାକୁ ଓ ଓଡିଶାର ସମସ୍ତ ବିଶେଷତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବାକୁ ଏହି ସଂଗଠନ ଦ୍ରୁତ କାର୍ଯ୍ୟ ଆରମ୍ଭ କରିଛି । ସମସ୍ତଙ୍କର ଆନ୍ତରିକ ଶୁଭକାମନା ଏହି ଅପୂର୍ବ ଅନନ୍ୟ ମଙ୍ଗଳମୟ ଉଦ୍ଦେଶ୍ୟକୁ ନିଶ୍ଚୟ ସଫଳ କରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ଜୟ ଜଗନ୍ନାଥ ।

# ଓଡ଼ିଶାମୁହାଁ ମହାବଳ

**॥ ଅଲେଖ ଚନ୍ଦ୍ର ସାମଲ ॥**

ଓଡ଼ିଶା କେବଳ ମନ୍ଦିରମାଳିନୀ ନୁହେଁ ଏହାର ପ୍ରାକୃତି ବିବିଧଭରା ଜୈବ ବିବିଧତା ଓ ଜଙ୍ଗଲ ସମ୍ପଦ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ପର୍ଯ୍ୟଟକଙ୍କୁ ଓଡ଼ିଶା ମୁହାଁ କରିଥାଏ । ତେବେ କିଛି ଦିନ ହେଲା ଓଡ଼ିଶା ଜଙ୍ଗଲରେ ମହାବଳ ବାଘଙ୍କ ଆର୍ବିଭାବ ଓ ସେମାନଙ୍କର ଗତାଗତକୁ ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ରାଜ୍ୟର ତିନୋଟି ବନାଞ୍ଚଳରେ ମହାବଳ ବାଘଙ୍କ ଆବିର୍ଭାବ ବନ ବିଭାଗକୁ ଉତ୍ସାହିତ କରିଛି । ଗତ କିଛି ବର୍ଷ ମଧ୍ୟରେ ମହାବଳ ବାଘଙ୍କ ସଂଖ୍ୟା ହ୍ରାସ ନେଇ ବନ ବିଭାଗ ବହୁ ସମାଲୋଚନା ସହିଥିବା ବେଳେ ଏବେ କେନ୍ଦୁଝର, ଦେବ୍ରିଗଡ଼ ଓ ଗଜପତି ଜିଲ୍ଲାର ରାୟଗଡ଼ ଜଙ୍ଗଲ ଏହି ଘାଆରେ ମଲମ ଲଗାଇଛି । ଏହି ତିନଟି ବନାଞ୍ଚଳରେ ନିୟମିତ ଭାବେ ମହାବଳ ବାଘ ଦେଖାଦେଉଛନ୍ତି । ଦେବ୍ରିଗଡ଼ ଓ କେନ୍ଦୁଝରରେ ବାଘ ପାଖାପାଖି ବର୍ଷେ ହେବ ରହି ଆସୁଥିବା ବେଳେ ଆନ୍ଧ୍ରପ୍ରଦେଶ ସୀମା ଡେଇଁ ଗୋଟିଏ ବାଘ ଗଜପତି ଜଙ୍ଗଲରେ ପଇଁତରା ମାରୁଛି । ସମ୍ଭବତଃ ଏହି ବାଘ ନିଜ ପାଇଁ ଏକ ସୁରକ୍ଷିତ ବାସସ୍ଥାନ ଖୋଜୁଛି ବୋଲି ପ୍ରାଣୀବିଶେଷଜ୍ଞମାନେ କହିଛନ୍ତି । ତେଣୁ ଓଡ଼ିଶା ଜଙ୍ଗଲରେ ଏହି ବାଘକୁ ସୁରକ୍ଷା ଦେଇ ଏଠାରେ ଏହି ବାଘର ସ୍ଥାୟୀ ଠିକଣା କରିବା ପାଇଁ ବନ ବିଭାଗ ପ୍ରୟାସ କରୁଛି । ସେହିପରି ଦେବ୍ରିଗଡ଼ରେ ରହିଥିବା ବାଘଟି ପଡ଼ୋଶୀ ଛତିଶଗଡ଼ରୁ ଆସିଛି ।

ଶିମିଳିପାଳରେ ମଧ ବାଘ ସଂଖ୍ୟା ବୃଦ୍ଧି ହେବା ସହ ଏଠାରୁ ବାଘ କେନ୍ଦୁଝର ସହ ଅନ୍ୟତ୍ର ଯା'ଆସ କରୁଥିବା ଜଣାପଡୁଛି । ସେହିପରି ସୁନାବେଡ଼ା ଜଙ୍ଗଲରେ ମଧ ବାଘଙ୍କର ଗତିବିଧି ଭଲ ରହିଛି । ୨୦୨୧-୨୨ ମସିହାରେ ରାଜ୍ୟରେ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ପକ୍ଷରୁ ବାଘ ଗଣନା କରାଯାଇ ରାଜ୍ୟରେ ୨୦ଟି ବାଘ ଥିବା କୁହାଯାଇଥିଲା । ହେଲେ ରାଜ୍ୟରେ ଏହାଠାରୁ ଅଧିକ ବାଘ ଅଛନ୍ତି ବୋଲି ରାଜ୍ୟ ସରକାର ଆଶା କରୁଛନ୍ତି । ରାଜ୍ୟ ସରକାର ବର୍ତ୍ତମାନ ନିଜସ୍ୱ ବାଘ ସଂଖ୍ୟା ଜାଣିବା ପାଇଁ ଗଣନା ଜାରି ରଖିଛନ୍ତି । ଗଣନାପରେ ଆସନ୍ତା ୨୦୨୪ ଜାନୁଆରୀରେ ରାଜ୍ୟରେ ବାଘ ସଂଖ୍ୟା ତଥ୍ୟ ପ୍ରକାଶ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଅପରପକ୍ଷେ ୨୦୧୮ରେ ଶିମିଳିପାଳରେ ୮ଟି ବାଘ ଥିବାବେଳେ ବର୍ତ୍ତମାନ ତାହା ୧୬କୁ ବୃଦ୍ଧି ପାଇଥିବା ଏନଟିସିଏ ପକ୍ଷରୁ କୁହାଯାଇଛି । ମାତ୍ର ୨୦୧୮ରେ ରାଜ୍ୟରେ ୨୮ଟି ବାଘ ଥିବାବେଳେ ଏ ବର୍ଷ ତାହା ୨୦କୁ ଖସି ଆସିଥିବା ଏହି ସଂସ୍ଥା ନିଜର ରିପୋର୍ଟରେ ପ୍ରକାଶ କରିଛି । ରାଜ୍ୟର ବିଭିନ୍ନ ଜଙ୍ଗଲରେ ବାଘ ଦେଖାଯିବା ସମ୍ପର୍କରେ ଜନୈକ ବନ୍ୟପ୍ରାଣୀ ଗବେଷକ କହିଛନ୍ତି ଯେ ଅଧିକ ବାଘ ଦେଖାଯିବା ଏକ ଭଲ ଖବର । ତେବେ ଏହି ବାଘ ଗୁଡ଼ିକ ଅନ୍ୟ କେଉଁଆଡୁ ଆସିନାହାଁନ୍ତି, ବରଂ ସେମାନେ ଓଡ଼ିଶା ଜଙ୍ଗଲରେ ହିଁ ରହୁଥିଲେ । ଏନଟିସିଏ ପକ୍ଷରୁ ଯେଉଁ ବାଘ ଗଣନା କରାଯାଉଛି, ସେଥିରେ ଅତ୍ୟଧିକ ମେସିନ ଉପରେ ଭରସା କରାଯାଉଛି । ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନା ଜାରି ରହିଛି । ଏଥିରେ ଅଧିକ ସଂଖ୍ୟକ ବନ କର୍ମଚାରୀ ସାମିଲ ହୋଇଛନ୍ତି ଓ ଜଙ୍ଗଲକୁ ଯାଉଛନ୍ତି । ଯାହାଦ୍ୱାରା ଅଧିକ ବାଘଙ୍କ ଗତିବିଧି ନଜରକୁ ଆସୁଛି ।

ଅନ୍ୟପଟେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଦେଖାଦେଉଥିବା ମହାବଳଙ୍କ ସୁରକ୍ଷା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତୀତରେ ରାଜ୍ୟର ଏକାଧିକ ଜଙ୍ଗଲରେ ମହାବଳ ବାଘ ରହୁଥିଲେ । ହେଲେ ଶିକାରୀଙ୍କ ପ୍ରାଦୁର୍ଭାବ ବାଘଙ୍କ ସଂଖ୍ୟାକୁ ଦ୍ରୁତ ଗତିରେ ହ୍ରାସ କରାଇଥିଲା । ତେଣୁ ଏବେ ବନ ବିଭାଗ କିପରି ରଣନୀତି କରିବ ଓ ବାଘକୁ ସୁରକ୍ଷା ଦେବ, ତାହା ଏକ ବଡ଼ ଆହ୍ୱାନ ହୋଇଛି । ରାଜ୍ୟର ପିସିସିଏଫ କହିଛନ୍ତି ଯେ ଗୋଟିଏ ଜଙ୍ଗଲରେ ଗୋଟିଏ ଅଣ୍ଡିରା ବାଘ ପ୍ରାପ୍ତ ବୟସ୍କ ହେବା ପରେ ସେ ସେହି ଅଞ୍ଚଳରୁ ବାହାରି ନିଜ ପାଇଁ ଏକ ନୂଆ ସ୍ଥାନ ସୃଷ୍ଟି କରିଥାନ୍ତି । ଏହି ଧାରାରେ ଶିମିଳିପାଳରୁ ଗୋଟିଏ ବାଘ ଆସି କେନ୍ଦୁଝରରେ ରହୁଛି । ସମାନ ଭାବେ ଛତିଶଗଡ଼ରୁ ଗୋଟିଏ ବାଘ ଆସି ସମ୍ବଲପୁରରେ ରହିଛି । ଗଜପତିରେ ମଧ ଗୋଟିଏ ବାଘ ଆସିଛି । ସବୁ ବାଘଙ୍କ ସୁରକ୍ଷା ଉପରେ ବନ ବିଭାଗ ଗୁରୁତ୍ୱ ଦେଉଥିବା ଶ୍ରୀ ନନ୍ଦ କହିଛନ୍ତି । ଅନ୍ୟପଟେ ସୁନାବେଡ଼ା ଜଙ୍ଗଲରେ ବ୍ୟାଘ୍ର ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ମିଳିସାରିଛି । କେବଳ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି କରିବା ପରେ ଏଠାରେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଯିବ । ସମାନ ଭାବେ ଦେବ୍ରିଗଡ଼ରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ପାଇଁ ଯୋଜନା ରହିଛି । ତେଣୁ ଏନଟିସିଏର ଅନୁମତିକୁ ଅପେକ୍ଷା ରହିଛି । ଏହି ଦୁଇ ବ୍ୟାଘ୍ର ପ୍ରକଳ୍ପ ପାଇଁ ଏକ ବଡ଼ ସୁଫଳ ଆଣିବ ବୋଲି ଆଶା କରାଯାଉଛି ।

ଏନଟିସିଏର ରିପୋର୍ଟ ଅନୁସାରେ ୨୦୦୬ରେ ରାଜ୍ୟରେ ୪୫ଟି ବାଘ ଥିଲାବେଳେ ୨୦୧୦ରେ ଏହି ସଂଖ୍ୟା ୩୨କୁ ଖସିଥିଲା । ୨୦୧୪ ଓ ୨୦୧୮ରେ ଏହି ସଂଖ୍ୟା ୨୮କୁ ହ୍ରାସ ପାଇଥିଲା । ସେହିପରି ରାଜ୍ୟ ସରକାର ଏହି ଗଣନା ପ୍ରକ୍ରିୟାକୁ ଗ୍ରହଣ ନକରି ନିଜସ୍ୱ ଭାବେ ବାଘ ଗଣନା କରିଥିଲେ । ଏଥିରେ ୨୦୦୪ରେ ରାଜ୍ୟରେ ୧୯୨ଟି ବାଘ ଥିବାବେଳେ ୨୦୧୬ରେ ଏହି ସଂଖ୍ୟା ୪୦କୁ ଖସି ଆସିଥିଲା । ଏହା ପରଠାରୁ ରାଜ୍ୟ ସରକାର ନିଜସ୍ୱ ଭାବେ ବାଘ ଗଣନା କରି ନଥିବା ବେଳେ ୭ ବର୍ଷ ପରେ ପୁଣିଥରେ ବାଘ ଗଣନା ପ୍ରକ୍ରିୟା ଜାରି ରଖିଛନ୍ତି । ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗର ମନ୍ତ୍ରୀ ରାଜ୍ୟରେ ବାଘ ବଂଶର ବୃଦ୍ଧି ନିମିତ୍ତ ଅନେକ ଯୋଜନା ହାତକୁ ନେଉଛନ୍ତି । ଓଡ଼ିଶା ସରକାର ଯେଉଁପରି ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପଦକୁ ଭଲ ପାଉଛନ୍ତି ତାହା ଅନ୍ୟ ରାଜ୍ୟପାଇଁ ପ୍ରେରଣା ଓ ଆଦର୍ଶ ସୃଷ୍ଟି କରିଛି । ଓଡ଼ିଶାରେ ଜଙ୍ଗଲ ସମ୍ପଦ ବଢ଼ି ଚାଲିଛି । ତେବେ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଗୁରୁଦାୟିତ୍ୱ ରହିଛି । ଗଛ ଲଗାଇବା, ବନ୍ୟପ୍ରାଣୀଙ୍କୁ ଭଲ ପାଇବା, ଜଙ୍ଗଲ ପୋଡ଼ି କରିବା ନାହିଁ ଏବଂ ଆବଶ୍ୟକସ୍ଥଳେ ଜଙ୍ଗଲ ବିଭାଗକୁ ସମସ୍ତ ପ୍ରକାର ସହାୟତା କରିବା । ଏହି ଦାୟିତ୍ୱବୋଧକୁ ନିର୍ବାହ କଲେ ଆମେ ନିଜେ ଜଣେ ଜଣେ ବନ୍ୟପ୍ରାଣୀ ଓ ଜଙ୍ଗଲର ସୁରକ୍ଷାଦାତା ହୋଇପାରିବା ।


ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨

# ବିକଶିତ ଶ୍ରୀକ୍ଷେତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜେ ସବ୍ୟେ ବେଣୁଂ ଶିରସି ଶିଖିପିଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍‌ବୃନ୍ଦା ବନବସତି ଲୀଳାପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।।'

କଳା ଓ ସ୍ଥାପତ୍ୟ ସହ ଧର୍ମ ଓ ଆଧାତ୍ମିକତାର ପୁଣ୍ୟଭୂମି ପୁରୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ଭୂମି ଶ୍ରୀକ୍ଷେତ୍ର ପୁରୀ କହେ ସର୍ବଧର୍ମ ସମନ୍ୱୟର କଥା । ମହାପ୍ରସାଦ ଏଠି ଭକ୍ତର ମନ ମୋହେ । ଏହି ଧାମରେ ଭୂମି ଓ ଭୂମା ଏକାଠି ହୋଇଥାଆନ୍ତି, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଆନ୍ତି । ବଡ଼ ଠାକୁରଙ୍କ କରୁଣା ଟିକକ ପାଇଁ ଧାଇଁ ଆସେ ଭକ୍ତ । ଭଗବାନଙ୍କ ସ୍ୱରୂପରେ ଭକ୍ତ ଓ ଭକ୍ତର ସ୍ନେହରେ ଭଗବାନ ବାନ୍ଧି ହୋଇ ଯାଆନ୍ତି । ଭକ୍ତ ଭଗବାନଙ୍କୁ ଯେମିତି ଦେଖିବାକୁ ଚାହେଁ, ଭଗବାନ ସେମିତି ରୂପରେ ଦେଖା ଦିଅନ୍ତି ।



ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତିର ସୀମା ସରହଦ ଡେଇଁ ବିଶ୍ୱ ଚେତନାରେ ରୂପାନ୍ତରିତ ହୋଇଛି ଶ୍ରୀଜଗନ୍ନାଥ ଚେତନା । ଓଡ଼ିଆଙ୍କ ଶ୍ରଦ୍ଧା, ସ୍ନେହ ଓ ଆଦରର କାଳିଆ ଠାକୁର ବିଶ୍ୱ ଦେବତାରେ ପରିଣତ ହୋଇଛନ୍ତି । ଓଡ଼ିଶା ବାହାରେ ଦେଶର ଅନ୍ୟାନ୍ୟ ରାଜ୍ୟ, ଭାରତ ବାହାରେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ଆୟୋଜନ ଏହାକୁ ପ୍ରମାଣିତ କରିଛି । ବିଶ୍ୱ ଭ୍ରାତୃତ୍ୱ ଓ ସର୍ବଧର୍ମ ସମନ୍ୱୟର କାଳିଆ ଠାକୁର ବାହୁ ପ୍ରସାରୀ ସମସ୍ତଙ୍କୁ ଆପଣାର କରିନେଇଛି । ଜଗନ୍ନାଥ ଆଉ କେବଳ ଓଡ଼ିଆ ବା ହିନ୍ଦୁଙ୍କର ନୁହନ୍ତି, ସମଗ୍ର ଜଗତର ନାଥ, ବିଶ୍ୱଜନଙ୍କ ଠାକୁର, ବିଶ୍ୱନିୟନ୍ତା । ସେ ସତ୍ୟ, ଶାଶ୍ୱତ, ପୁରୁଷୋତ୍ତମ । ସବୁ ଚେତନାର ଶେଷ ଯେଉଁଠି, ସେଇଠି ଜଗନ୍ନାଥ ଚେତନାର ଅୟମାରମ୍ଭ । ଏବେ ତାଙ୍କ କ୍ଷେତ୍ରରେ ଚାଲିଛି ନବକଳେବର ପର୍ବ । ରୂପାନ୍ତରଣ ସ୍ପର୍ଶରେ ଶ୍ରୀକ୍ଷେତ୍ର ଏବେ ଅପରୂପ ଶୋଭାରେ ଶୋଭା ପାଉଛି । ଆସନ୍ତା ୧୭ ତାରିଖରେ ପରିକ୍ରମାର ଲୋକାର୍ପଣ ହେବାକୁ ଯାଉଛି । ସମଗ୍ର ବିଶ୍ୱ ଦେଖିବ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିଶ୍ୱସ୍ତରୀୟ ରୂପାନ୍ତର । ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ କୃପା କରୁଣା ଓ ଆଶୀର୍ବାଦରୁ ପୂର୍ଣ୍ଣରୂପ ନେବାକୁ ଯାଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୩୨ଶହ କୋଟି ଟଙ୍କାର ସ୍ୱପ୍ନର ପ୍ରକଳ୍ପ । ଇତିହାସର ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପ । ଯେଉଁଥିରେ ଆମ ପ୍ରାଚୀନ କଳାବିମଣ୍ଡିତ କଳିଙ୍ଗର ନିଖୁଣ କଳା ଓ ସ୍ଥାପତ୍ୟରେ ଝଲସୁଛି ସମ୍ପୂର୍ଣ୍ଣ ପରିପାଟୀ । ଆଖିଝଲସା ରାସ୍ତାଘାଟ, ଶ୍ରୀସେତୁ, ଶ୍ରୀଦାଣ୍ଡ ଯେଉଁଭଳି ଅବିଶ୍ୱସନୀୟ ଭାବେ ବିଶ୍ୱସ୍ତରୀୟ ହୋଇଛି ତାହା ସବୁ ସେହି ମହାପ୍ରଭୁଙ୍କ କୃପା ଇଛାର ଫଳ । ମହାପ୍ରଭୁ ବିଶ୍ୱ ଦେବତା କୌଣସି ଜାତି, ଧର୍ମ ଗୋଷ୍ଠୀର ନୁହଁନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିବେଦନରେ ପୁରୀବାସୀ ଓ ପୁରୁଣା ମଠ ମନ୍ଦିରର ମହନ୍ତମାନେ ସ୍ୱଇଚ୍ଛାରେ ଜାଗା ଦାନ କରିଥିଲେ । ମହାପ୍ରଭୁଙ୍କ କୃପା କଟାକ୍ଷ ଦ୍ୱାରା ଏସବୁ ସମ୍ଭବ ହୋଇପାରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ, ସମସ୍ତଙ୍କୁ ଓ ସମସ୍ତଙ୍କ ପରିବାରକୁ ଓ ଏ ଓଡ଼ିଆ ଜାତିକୁ ତାଙ୍କ ଅଭୟ ଚକ୍ରରେ ସୁରକ୍ଷିତ ରଖି ଆମ ସମସ୍ତଙ୍କୁ ଅଭୟ ଆଶିଷ ସେହିପରି ପ୍ରଦାନ କରୁଥାନ୍ତୁ ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮ , ସିଡିଏ, କଟକ,

## ବାରାହ ମାଂସ ଜବତ, ୧୦ ଅଟକ




କେନ୍ଦୁଝର, (ମହାଭାରତ) : ସୋମବାର ଦିନ ପ୍ରାୟ ୩ ଟା ସମୟ ରେ ସୁଡ଼ଙ୍ଗ ନିକଟସ୍ଥ ବାଟ ଗାଁ ନାଳ କେ ଏଫ ଜଙ୍ଗଲରୁ ଆଠ କିଲୋ ବାରହା ମାଂସ ୨ ଟି କୁରାଢ଼ୀ ଗୋଟିଏ ବାରାହ ଧରିବା ପାଇଁ ବ୍ୟବହାର ହେଉଥିବା ଜାଲ ସହ ସୁଡ଼ଙ୍ଗ ଗ୍ରାମର ମହେଶ୍ୱର ନାଏକ, ପରମେଶ୍ୱର ଦେହୁରୀ,ଜାୟଧର ନାଏକ, ଯୋଗି ଗିରି, କୁମ୍ଭାର ଦେହୁରୀ, ପ୍ରଶାନ୍ତ ପ୍ରଧାନ, ବନିଆଲଦେହୁରୀ,ସାଗର ମହାରଣା, କଳାକର ମହାରଣା, ଓ ରାଉତ ଦେହୁରୀ ନାମକ ୧୦ ଜଣଙ୍କୁ ଅଟକ ରଖିବା ସହ ତାଙ୍କ ଠାରୁ ଓଡି ୦୨ ଭି ୧୮୦୭ ନମ୍ବର ବିଶିଷ୍ଟ ଏକ ବଲେରୋ ଓଡି ୦୯ ପି ୦୦୬୩ ନମ୍ବର ବିଶିଷ୍ଟ ଏକ ମୋଟର ସାଇକେଲ ଜବଦ କରିଛି ବନ ବିଭାଗ।

## ଖଣି ମାଫିଆଙ୍କ ସହ ବନ୍ଧୁ ବାନ୍ଧିଛି ଖଣି ବିଭାଗ

ରଣପୁର, (ମହାଭାରତ) : ରଣପୁରରେ ଖଣି ମାଫିଆ ସାଜିଛିକି ଖଣି ବିଭାଗ। ଭୟରେ ଫେରିଆସୁଛିକି ଖଣି ବିଭାଗ। କୁଜିନେତାଙ୍କ ହାତବାରଷି ସାଜିଛିକି ଖଣି ବିଭାଗ। କଳା ମୁଗୁନି ବେଆଇନି ଖଣି ମାଫିଆଙ୍କ ସହ ବନ୍ଧୁ ବାନ୍ଧିଛି ନୟାଗଡ଼ ଖଣି ବିଭାଗ। ଗଣ୍ଡା ଗଣ୍ଡା ବେଆଇନି ଖଣି ମାଲିକ ମାନେ ଖଣି ବିଭାଗ ଅଫିସରଙ୍କୁ ମୋଟା ଅଙ୍କର ମାଲ ଦେଇ ଖଣି ବିଭାଗ ମୁହଁରେ ତାଲା ପକାଇଛନ୍ତି ଖଣି ମାଫିଆ। ଦିନ ଦିଇପହରେ ପଥର ବ୍ଲାଷ୍ଟିଙ୍ଗ କରି କୋଟି କୋଟି ଟଙ୍କା ମୁନଫା ଉଠାଉଥିବା ବେଳେ ନୟାଗଡ଼ ଖଣି ବିଭାଗ କାହିଁକି ସାଜିଛି ନିରବ ଦ୍ରଷ୍ଟା। ତାହା ସାଧାରଣରେ ପ୍ରଶ୍ନବାଚି ର ମୁଣ୍ଡ ଟେକିଛି। ନୟାଗଡ ଜିଲ୍ଲା ରଣପୁର ଓ ସୁନାଖଳା ଅଞ୍ଚଳରେ ଦେଖିବାକୁ ମିଳିଛି ବେଆଇନ୍ ପଥର ଖଣି। ବେଆଇନି କଳାମୁଗୁନି ଖଣି କୁ ନେଇ ଶହ ଶହ ଭାରୀଯାନ ଯିବା ଆସିବା କୁ ନେଇ ସାଧାରଣ ଲୋକ ମାନେ ଦୁର୍ଘଟଣା ଗ୍ରସ୍ତ ହୋଉ ମୃତ୍ୟୁବରଣ କରୁଛନ୍ତି। ହେଲେ ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଓ ଖଣି ବିଭଗର ନିଦ ଭାଙ୍ଗୁନି। ଉକ୍ତ ଅଞ୍ଚଳରେ ଚଳାଉଥିବା ବେଆଇନି ଖଣି ମାଲିକ ଙ୍କ ଉପରେ କେଉଁ ପାୱାରଫୁଲ ନେତା ମନ୍ତ୍ରୀ ଙ୍କ ହାତ ଅଛି ତାହା ତଦନ୍ତ ସାପକ୍ଷ। ଯାହା ଫଳରେ ଖଣି ମାଫିଆ ମାନେ ଧରାକୁ ସରା ମଣୁ ନାହାନ୍ତି। ଏମାନଙ୍କ ଯୋଗୁଁ କେତେ ନିରୀହ ଜୀବନ ଗଲାଣି ତାର ହିସାବ ନାହିଁ। ତଳ ଠୁ ଉପର ଯାଏ ସମସ୍ତେ ଭୋଗ ଖାଉଛନ୍ତି। ରାଜ୍ୟ ସରକାର ଏ ପଟେ ମାଫିଆ ଓ ଗୁଣ୍ଡାରାଜ କୁ ସମୂଳେ ବିନାଶ କରିବାକୁ ଢୋଲ ପିଟୁଥିବା ବେଳେ, ଅନ୍ୟ ପକ୍ଷରେ ସେହି ସରକାର ଙ୍କ କିଛି କିଛି ପାୱାର ଫୁଲ ନେତା ମୋଟା ଅଙ୍କର ଅର୍ଥ ନେଇ ବେଆଇନି ଖଣି ମାଲିକଙ୍କୁ ଘଷ୍ଟ ଘୋଡାଉଥିବା ଘଟଣା ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି। କିଛି ନେତା ମନ୍ତ୍ରିଙ୍କ ପାଇଁ ବେଆଇନି ଖଣି ମାଲିକ ମାନେ ନିଜକୁ ଦଳବେହେରା ଭାବି ଗୁଣ୍ଡା ଗର୍ଦି କରି ଶହ ଶହ କାଗଜ ପତ୍ର ନ ଥିବା ଭାରି ଯାନରେ ବାହାର ଜିଲ୍ଲାକୁ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଏହି ବେଆଇନ ଖଣି ମାଲିକଙ୍କ ଉପରେ କେବେ ଲଗାମ ଲାଗିବ, ଯାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ରଣପୁର ତହସିଲ ସୁନାଖଳା ଓ ରଣପୁର ଏରିଆରୁ ପ୍ରତି ଦିନ ଶହ ଶହ ପଥର ବୋଝେଇ ଟ୍ରକ ଖୋର୍ଦ୍ଧା ଜିଲ୍ଲା ଟାପଙ୍ଗ, ମଳିପଡ଼ା ଓ ପୁରୀ ଜିଲ୍ଲାକୁ ଚୋରା ଚାଲାଣ ହେଉଛି। ଏଥିରେ ନୟାଗଡ଼, ଖୋର୍ଦ୍ଧା, ପୁରୀ ଜିଲ୍ଲାର ଖଣି ବିଭାଗ ଦୁର୍ନୀତିର ମିଠା ଚାଖୁଥିବା ଜଣାପଡିଛି। ଖଣି ବିଭାଗ ମାଫିଆଙ୍କ ଠାରୁ ଖାଉଥିବା ଦାମୀ ମିଠାର ଧାର କେଉଁ କେଉଁ ନେତା ମନ୍ତ୍ରୀ ଙ୍କ ଯାଏ ଲମ୍ବିଛି, ତାହା ଆଗକୁ ଦେଖିବାକୁ ବାକି ରହିଲା।

## ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆରମ୍ଭ



ପାରାଦୀପ, (ମହାଭାରତ) :ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଯାଇଛି । ଅକ୍ଟୋବର ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ମାସ ୨ତାରିଖରେ ଏହି କାର୍ଯ୍ୟକ୍ରମ ଉଦଯାପିତ ହେବ । ସୋମବାର ଦିନ ବନ୍ଦର ପ୍ରଶାସନିକ ଭବନ ପରିସରରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କୁ ସଚେତନତା ଓ ସତର୍କତାର ଶପଥ ପାଠ କରାଇଥିଲେ । ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତାମାନ ଆୟୋଜିତ ହେବା ସହିତ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ନେଇ ପାରାଦୀପ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ଅବସରରେ ନାଟ୍ୟ ଅନୁଷ୍ଠାନ କାନମାସ୍ ପକ୍ଷରୁ କ୍ଷୁଦ୍ର ନାଟକ ଗଳାବାଟ ପରିବେଶିତ ହୋଇଥିଲା ।

## ଜିଲ୍ଲାପାଳ ଓ ଏସ୍ପି ବିଜେପି ସପକ୍ଷରେ କାମ କରିବା ପାଇଁ ବିଜେଡି ସମର୍ଥକଙ୍କୁ ଚାପ ପକାଉଛନ୍ତି: ବିଜେଡି

ନୂଆପଡା, (ମହାଭାରତ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହୋଇଥିବା ବେଳେ, ଆଜି ଜିଲ୍ଲାପାଳ ଓ ଏସ୍ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ଆଗରେ ଅଭିଯୋଗ କରିଛି ବିଜୁ ଜନତା ଦଳ । ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ, ନୂଆପଡା ଜିଲ୍ଲାପାଳ ଶ୍ରୀ ମଧୁସୂଦନ ଦାସ ଓ ନୂଆପଡା ଏସ୍ପି ଅମ୍ରିତପାଲ ସିଂଙ୍କ ବିରୋଧରେ ବିଜେପି ସପକ୍ଷରେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସ୍ପି ନିଜ ସରକାରୀ ପଦବୀର ଅପବ୍ୟବହାର କରି, କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । ଉଲ୍ଲେଖଯୋଗ୍ୟ, ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଉଭୟ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ, ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ତରଫରୁ ଦାବି କରାଯାଇଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ଶ୍ରୀମତୀ ସୁଲତା ଦେଓ, ଡ଼ ଲେନିନ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ




କେନ୍ଦୁଝର, (ମହାଭାରତ): ଦୁର୍ନୀତି ମୁକ୍ତ ଭାରତ ଗଠନରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ତରଫରୁ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ମଣ୍ଡୁଆ ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଏହି ସପ୍ତାହର ପ୍ରଥମ ଦିନରେ ଆଞ୍ଚଳିକ କାର୍ଯ୍ୟାଳୟର ସଭାଗୃହରେ ସମସ୍ତ ଅଧିକାରୀ ଓ କର୍ମଚାରୀ, ବ୍ୟାଙ୍କ ଅଫ ଇଣ୍ଡିଆକୁ ଦୁର୍ନୀତି ମୁକ୍ତ ରଖିବା ଓ ସମସ୍ତେ ଦୁର୍ନୀତି ଠାରୁ ଦୁରରେ ରହିବା ପାଇଁ ଶପଥପାଠ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲଙ୍କ ଅଧକ୍ଷତାରେ ସମସ୍ତେ ଶପଥପାଠ କରିବା ସହ ଦେଶରୁ ଦୁର୍ନୀତି ହଟାଇବା ପାଇଁ ଦୃଢ ସଂକଳ୍ପ କରିଥିଲେ।ଏହି ଅବସରରେ ବ୍ୟାଙ୍କ ଅଫ ଇଣ୍ଡିଆ ମୁମ୍ବାଇ ସ୍ଥିତ ପ୍ରଧାନ କାର୍ଯ୍ୟାଳୟର ମହା ପ୍ରବନ୍ଧକ ଶ୍ରୀଯୁକ୍ତ ନକୁଳ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନୈତିକ ଦୁର୍ନୀତି ବିରୋଧରେ ଶପଥପାଠ କରାଇଥିଲେ ।ଏହା ସହିତ ଲୋକଙ୍କ ଭିତରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ସହଭାଗୀତା ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ପାଲ କହିଥିଲେ ।କେନ୍ଦୁଝରର ଜିଲା ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆର କେନ୍ଦୁଝର ଅଞ୍ଚଳ ଅଧୀନରେ ଥିବା ସମସ୍ତ ୫୬ ଟି ଶାଖାରେ ଏହି ଦୁର୍ନୀତି ନିବାରଣ ସପ୍ତାହ ଅନଲାଇନ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରିଥିବା ଜଣା ପଡ଼ିଛି। ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଗ୍ରାହକଙ୍କୁ ଉତ୍ତମରୁ ଉତ୍ତମ ସେବା ଯୋଗାଇବା ପାଇଁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ପ୍ରଥମେ ଦୁର୍ନୀତି ମୁକ୍ତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ଓ କାର୍ଯ୍ୟ କରି ଆସୁଛନ୍ତି ବୋଲି ଉପ ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟର ଦୁର୍ନୀତି ନିବାରଣ ଅଧିକାରୀ ବି ମହେଶ,ଅଧିକାରୀ ଦେବାଶିଷ ସାହୁ, ସୌମ୍ୟରଞ୍ଜନ ସାହୁ, ଆଶିଷ ମିଶ୍ର,ଲକ୍ଷ୍ମୀକାନ୍ତ ବେହେରା, ରଜନୀକାନ୍ତ ଦଳେଇ ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ: ପରୀକ୍ଷା ଦେଲେ ୧୩୮୧୫ ଜଣ

ଦେବଗଡ, (ମହାଭାରତ) : ନିରକ୍ଷରଙ୍କୁ ସାକ୍ଷର କରାଯିବା ନିମନ୍ତେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଉଲ୍ଲାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି। ଏହି କ୍ରମରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ଜିଲ୍ଲାର ତିନୋଟି ବ୍ଲକରେ ପ୍ରାୟ ୬୦୦ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇ ଯାଇଅଛି।ଜିଲ୍ଲା ଶିକ୍ଷା ବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ସ୍ତରରେ ଓ ବ୍ଲକ ସ୍ତରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସି. ଆର. ସି. ସି.,ନୋଡାଲ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନେଇ କର୍ମଶାଳା



ମାନ ଆୟୋଜନ କରାଯାଇଥିଲା।ଏହାପରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଘର ଘର ବୁଲି ନିରକ୍ଷର ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରିଥିଲେ।ଚଳିତ ଶିକ୍ଷା ବର୍ଷରେ ଦେବଗଡ଼ ଜିଲ୍ଲାର ୩୦, ୦୦୦ ନିରକ୍ଷରଙ୍କୁ ସାକ୍ଷର କରିବା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗକୁ ଲକ୍ଷ୍ୟ ଦିଆ ଯାଇଥିଲା।ପ୍ରଥମ ପର୍ଯ୍ୟାୟରେ ଦେବଗଡ଼ ଜିଲ୍ଲା ୧୭୭୫୦ ଶିକ୍ଷାର୍ଥୀଙ୍କୁ ପଞ୍ଜିକରଣ କରାଯାଇଥିବା ବେଳେ ୧୩୮୧୫ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟରେ ୧୭୦୦୦ ଶିକ୍ଷାର୍ଥୀ ଚିହ୍ନଟ କରି ପଞ୍ଜିକରଣ କରା ଯାଇ ମାର୍ଚ୍ଚ ମାସରେ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ତଥା ସଂଯୋଜିକା ଇପ୍ସିତା ପଟ୍ଟନାୟକ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ, ତିଲେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ବନିତା ବେହେରା, କ୍ଷୀରୋଦ କୁମାର ପ୍ରଧାନ, ବିଜୟ କୁମାର ପ୍ରଧାନ, ମହେଶ୍ୱର ବେହେରା ଙ୍କ ସମେତ ଜିଲ୍ଲାର ସମସ୍ତ ସି. ଆର. ସି. ସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ବାତ୍ୟାକୁ ନେଇ ସଚେତନତା




ମୋହନା ୨୭/୧୦/୨୦୨୫ ବଙ୍ଗପସାଗରରେ ସୃଷ୍ଟି ବାତ୍ୟା ମନ୍ଥାର ପ୍ରଭାବରେ ଦକ୍ଷିଣ ଓଡିଶାର ଅନେକ ଜିଲ୍ଲାକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ ୱାର୍ଣ୍ଣିଙ୍ଗ ଜାରି କରାଯାଇଛି କ୍ଷ ଯାହାଫଳରେ ଗଜପତିରେ ବାତ୍ୟାର ପ୍ରଭାବ ଅଧିକ ଥିବା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି କ୍ଷ ଏଭଳି କ୍ଷେତ୍ରରେ ବାତ୍ୟାକୁ ନେଇ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ବନପାଳ ଗଣେଶ ପ୍ରଧାନଙ୍କ ନେତୃତ୍ୱରେ ମୋହନା ବ୍ଲକର ଅନେକ ପଞ୍ଚାୟତ ଯେପରିକି ବଡସିନ୍ଧା, ଢେଙ୍କାସିନ୍ଧା, ବାଘମାରି, ଜିରାଙ୍ଗ, ଲବାରସିଂ ଓ ଚନ୍ଦ୍ରଗିରି ପଂଚାୟତର ବିଭିନ୍ନ ସ୍ଥାନରେ ବନ୍ୟଜନ୍ତୁଙ୍କ ସୁରକ୍ଷା, ପ୍ରାଣୀ ସମ୍ପଦ ସୁରକ୍ଷା, ଅଞ୍ଚଳର ଗରିବ ଚାଷୀଙ୍କ ଫସଲର ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଲୋକଙ୍କ ପାଖକୁ ଯାଇ ସଚେତନତା କରିଛନ୍ତି କ୍ଷ

## ନୟାଗଡ଼ ଜେଲ୍‌ରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

ନୟାଗଡ଼,(ମହାଭାରତ) : ନୟାଗଡ଼ ଜେଲ୍ ରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଜେଲ୍ କର୍ତ୍ତୁପକ୍ଷ କଡା ସୁରକ୍ଷା କରିବାରୁ ଏହାକୁ ବିରୋଧ କରିଛନ୍ତି କଏଦୀ ମାନେ। ଜେଲ୍ କର୍ତ୍ତୁପକ୍ଷ କହିବା କଥା ହେଲା ବାହାରୁ ମାଦକ ଦ୍ରବ୍ୟ ସାମଗ୍ରୀ ଜେଲ ଭିତର କୁ ବନ୍ଦ କରିବା ରୁ ଏହାକୁ ବିରୋଧ କରିଛନ୍ତି କଏଦୀ ମାନେ। ଏଥିପାଇଁ କଏଦୀ ଜେଲ୍ କର୍ମଚାରିଙ୍କ ଉପର କୁ ଟେକା ପଥର ମାଡ କରିଛନ୍ତି। ଡିୟୁଟି ରେ ଥିବା ଜେଲ୍ କର୍ମଚାରିଙ୍କୁ ମାଡ଼ ମାରି ଆକ୍ରମଣ କରିଛନ୍ତି କଏଦୀ ମାନେ। ଜେଲ୍ ରେ କଏଦୀ ଙ୍କ ଆକ୍ରମଣରେ ତିନି ଜଣ ଜେଲ କର୍ମଚାରି ଆହତ ହୋଇଛନ୍ତି। ଅଭିଯୋଗ ପରେ ଘଟଣା ସ୍ଥଳରେ ସଦର ଥାନା ପୋଲିସର ତଦନ୍ତ ଆରମ୍ଭ କରିଛି। ୩୫ ଜଣ କଏଦୀ ନାଁରେ ସଦର ଥାନାରେ ଜେଲ୍ କର୍ତ୍ତୁପକ୍ଷ ଏତଲା ଦେଇଛନ୍ତି। ଭାପୁର ଅଞ୍ଚଳର ଜଣେ କଏଦୀଙ୍କ ଉତ୍ପାତ କାରଣ ରୁ ଦୁଇ କଏଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା ଜେଲ୍ କର୍ତ୍ତୁପକ୍ଷ କହିଛନ୍ତି। ଜେଲ୍ ରେ ୩୬୦ ଜଣ କଏଦୀ ରହିବା ପାଇଁ କାପାସିଟି ରହିଥିବା ବେଳେ ଅଛନ୍ତି ୨୬୨ ଜଣା କଏଦୀ। ଜେଲ୍ ସୁରକ୍ଷା ପାଇଁ ୨୫ ଜଣ ଷ୍ଟାଫ ଆବଶ୍ୟକ ରହିଥିବା ବେଳେ ଅଛନ୍ତି ୧୪ ଜଣ ସୁରକ୍ଷା କର୍ମଚାରି। ଆବଶ୍ୟକ ସୁରକ୍ଷା କର୍ମ ଚାରି ନଥିବାରୁ ସମସ୍ୟା ଦେଖା ଦେଇଛି। ତିନୋଟି ସିଫ୍ଟରେ ସୁରକ୍ଷା କର୍ମଚାରି ମାନେ ଡିୟୁଟି କରୁଥିବା ବେଳେ ଗୋଟିଏ ସିଫ୍ଟରେ ଆଠ ଜଣ ସୁରକ୍ଷା କର୍ମଚାରି ଡିୟୁଟି କରିବା କଥା। ଜେଲ୍ ରେ ସୁରକ୍ଷା କର୍ମଚାରି ଅଭାବ ରହିଥିବାରୁ ଗୋଟିଏ ସିଫ୍ଟରେ ଚାରି ଜଣ ଲେଖାଏଁ କାମ କରୁଛନ୍ତି। ଗତ କାଲି ଜେଲରେ ଦୁଇ କଏଦୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ୫୦ ଜଣ କଏଦୀ ଏକାଠି ହୋଇଥିଲେ। ୩୫ ଜଣଙ୍କ ନାମରେ ସଦର ଥାନାରେ ଅଭିଯୋଗ କରାଯାଇଛି। ମୁଖ୍ୟ ଖଳନାୟକ ବିଷ୍ଣୁପ୍ରସାଦ ସାହୁ ଭାପୁର ଫତେଗାଡ଼ ଅଞ୍ଚଳର। ଜେଲ କର୍ତ୍ତୃପକ୍ଷଙ୍କ କଡା କାର୍ଯ୍ୟାନୁଷ୍ଠାନ ଏବଂ ସୁରକ୍ଷା କୁ ନେଇ ନିଶା ଦ୍ରବ୍ୟ କୁ ସମ୍ପୂର୍ଣ ବନ୍ଦ କରିବା, ଟେଲିଫୋନ ରେ ଅଧିକ ସମୟ କଥାବାର୍ତ୍ତା କରିବା କୁ ନେଇ କଏଦୀମାନେ ମିଳିତ ଭାବରେ ଆକ୍ରମଣ କରିଥିଲେ।

## ପାରାଦୀପ ରିଫାଇନାରୀ ପରିସରରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ

ପାରାଦୀପ, (ମହାଭାରତ): ପାରାଦୀପଠାରେ ଥିବା ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୫ ଉଦଘାଟିତ ହୋଇଯାଇଛି । ପାରାଦୀପ ରିଫାଇନାରୀ କାର୍ଯ୍ୟକାରୀ



ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରୀ ବସୁ ସମାବେଶରେ ଯୋଗ ଦେଇଥିବା ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନଙ୍କୁ ନିଜ ଜୀବନରେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠ ଜାଗ୍ରତ କରିବା ପାଇଁ ନିବେଦନ କରିଥିଲେ । ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଏବଂ ପାରସ୍ପାରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସତର୍କତା ସଚେତନତା ସପ୍ତାହରର ପୋଷ୍ଟରକୁ ଶ୍ରୀ ବସୁ ଉନ୍ମୋଚନ କରିଥିଲେ । ପାରାଦୀପ ରିଫାଇନାରୀ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ସତର୍କତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ରଥକୁ ଶ୍ରୀ ବସୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ, କ୍ରୀଡା ଆଦି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି ।

## ଉପାନ୍ତ ଅଞ୍ଚଳ ଶରତରେ ଯୁଗ୍ମ ଜନଶୁଣାଣୀ ଶିବିର

କପ୍ତିପଦା, (ମହାଭାରତ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୨୬୮ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଏବଂ ବିଡିଓ କପ୍ତିପଦା ରେଶ୍ମା ଟେଟେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ



କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୨୫୦ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୩ ଗୋଟି ସମସ୍ୟାର ତତ୍ ?କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ୫ ହଜାର ଲେଖାଏଁ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପାଳସା ଓ ଡିଆଁପାଳସା ମୌଜା ଦେଇ ଶ୍ୟାମସୁନ୍ଦରପୁର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଜମି ରହୁଥିବା ପାଣି ନିଷ୍କାସନ, କପ୍ତିପଦା ବ୍ଲକ ଗୌଡଗାଁ, କୁଆଗୋଠଣା, ନଛିପୁର ଏବଂ ଚୁଇଁପୋଷି ଆଦି ଗ୍ରାମରେ ଚାଷ ନଷ୍ଟ କରୁଥିବା ବୁଲା ଷେଣ୍ଢଙ୍କୁ ଗୋଶାଳାକୁ ସ୍ଥାନାନ୍ତର, ରାଣୀପୋଖରୀ ହାଟ ଛକରେ ଲକ୍ଷ୍ମୀ ବସ୍ ଷ୍ଟାଣ୍ଡ ନିର୍ମାଣ, ଶରତ ବଜାରରେ ଥିବା ଭଗବାନ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନ ଉନ୍ନତି ଓ ଆଲୋକିକରଣ, ରାଣୀପୋଖରୀ ପଂଚାୟତ ଗେରାସାହି, ବୁଧୁସାହି, ମାନ୍ଦୁରସାହି, ହୁଡିସାହି ଆଦି ଗ୍ରାମରେ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ, ଶରତ ଗ୍ରାମ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଏକ ମୋବାଇଲ ଟାୱାର ପ୍ରତିଷ୍ଠା, କଳମଗଡିଆ ପଞ୍ଚାୟତ ଶ୍ରୀପଦମଞ୍ଜରୀପୁର ଗ୍ରାମର ସବାଇ ଉତ୍ପାଦକ ଦଳଙ୍କୁ ସବାଇ ହସ୍ତକଳା ସାମଗ୍ରୀ ପାଇଁ ଭଣ୍ଡାର ଗୃହ ଯୋଗାଇବା, କଳମଗଡିଆ ପଞ୍ଚାୟତ ସୁଡଙ୍ଗ ଗ୍ରାମରେ ନୂତନ ନଳକୂପ ଖନନ, ଶରତ ପଞ୍ଚାୟତ ଗୌରଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ, ନୋଟ ପଞ୍ଚାୟତ ମୁଖ୍ୟରାସ୍ତାରେ ଫନି ବାତ୍ୟା ସମୟରେ ଭାଙ୍ଗି ଯାଇଥିବା ୩ ଗୋଟି ପୋଲ ଏବଂ ନୋଟ ହପବୁରୁ ପ୍ରାଥମିକ ବିଦ୍ୟାଳୟର ୩୦ ବର୍ଷ ପୁରୁଣା ଛାତର ପୁନଃ ନିର୍ମାଣ, ପିଆରଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯୁକ୍ତ ୩ ମହାବିଦ୍ୟାଳୟରେ ପରିଣତ କରିବା, ନୋଟ ପଞ୍ଚାୟତରେ ଆଧାର କେନ୍ଦ୍ର, ଉପଡାକସେବା କେନ୍ଦ୍ର, ଉପ ପଶୁ ଚିକିତ୍ସା କେନ୍ଦ୍ର ଆଦି ସ୍ଥାପନ, ଲାବଣ୍ୟଦେଇପୁର ଫାର୍ମ ପଡିଆରେ ମିନି ଷ୍ଟାଡିୟମ ନିର୍ମାଣ, ଶରତ ପଞ୍ଚାୟତ ସିଲେଇପାହାଡି ଗ୍ରାମର ନାମ ପରିବର୍ତ୍ତନ,ଅଙ୍ଗନବାଡି ଗୃହ ଓ ରାସ୍ତା ନିର୍ମାଣ ଆଦି ଅଭିଯୋଗ, ରାଣୀପୋଖରୀ ପଞ୍ଚାୟତ ଧନୁସାହି ପ୍ରାଥମିକ ବିଦ୍ୟାଳୟର ଭାଙ୍ଗି ଯାଇଥିବା ଗୃହ ନିର୍ମାଣ, କପ୍ତିପଦା ବ୍ଲକରେ ଏମଜିଏନଆରଇଜିଏ କାର୍ଯ୍ୟରେ ଅନିୟମିତତା ଏବଂ ସରଡିହା ପଞ୍ଚାୟତ ଭଣ୍ଡାର ଗ୍ରାମର ନିତ୍ୟାନ୍ତ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ଶୁଭ୍ରକାନ୍ତ ବେହେରା, ରାଉତରାୟ ମୁର୍ମୁ, ଅନୁଭବ ରାଉତ, ପ୍ରିୟବ୍ରତ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଶ୍ରୀତମ ମହାନ୍ତି, ନିଳାମ୍ବର ସେନାପତି, ତାପସ ପ୍ରଧାନ, ମୃତ୍ୟୁଞ୍ଜୟ ନାୟକ, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣ ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଯୋଗ ପ୍ରଶିକ୍ଷଣ ଶିବିର

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ସରକାର ଙ୍କ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିର କୁ ମହାବିଦ୍ୟାଳୟ ଯୋଗ ଦ୍ୱାରା ଶରୀର ସୁସ୍ଥ ଓ ସଶକ୍ତ ହେବ ବୋଲି ଅଧକ୍ଷ ଅଭିଭାଷଣ ରେ କହିଥିଲେ। ମହାବିଦ୍ୟାଳୟ ର ଅଧକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଏହି ଯୋଗ ପ୍ରଶିକ୍ଷଣ ଶିବିର ରେ +୨ ଓ +୩ ରୁ ୧୧୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ତଥା ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଶିବିର ପରିଚାଳନା କରିଛନ୍ତି । ଯୋଗ ପ୍ରଶିକ୍ଷକ ଭାବେ ସୁପ୍ରଭା ସାହୁ ଛାତ୍ରଛାତ୍ରୀ ଙ୍କୁ ପ୍ରଶିକ୍ଷଣ ଦେଉଥିବା ବେଳେ ଏହି ଯୋଗ ପ୍ରଶିକ୍ଷଣ ଶିବିର ଅକ୍ଟୋବର ୨୭ତାରିଖ ରୁ ଆରମ୍ଭ ହୋଇ ନଭେମ୍ବର ୧୬ତାରିଖ ଶେଷ ହେବା ବୋଲି ମହାବିଦ୍ୟାଳୟ ପକ୍ଷ ରୁ ସୂଚନା ରହି ଛି।

## କାର୍ତ୍ତିକ ମାସର ତୃତୀୟ ସୋମବାରରେ ଶୈବ ପୀଠରେ ଭକ୍ତଙ୍କ ସମାଗମ



ଗଜପତି(ମହାଭାରତ): କାର୍ତ୍ତିକ ମାସର ତୃତୀୟ ସୋମବାର ହୋଇ ଥିବାରୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ସକାଳୁ ଭକ୍ତମାନେ ନଡିଆ କଦଳୀ, ବେଲପତ୍ର, କ୍ଷୀର ଦହି, ମହୁ ଫୁଲ ଓ ପଇଡ଼ ପ୍ରଭୃତି ପୂଜା ସାମଗ୍ରୀ ଧରି ଦେବ ଦେବ ମହାଦେବଙ୍କ ପୂଜାର୍ଚ୍ଚନା କରିଛନ୍ତି। କାର୍ତ୍ତିକ ମାସର ବିଶେଶ୍ୱତ ହେଉଛି ହରି ହରଙ୍କ ମାସ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରି ମହାଦେବଙ୍କୁ ଦର୍ଶନ କରି ପୂଜା କଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି।ଏହି ଦିନ ଭକ୍ତମାନେ ଉପବାସ ରହି ଶିଙ୍କ ଉପରେ ଜଳ,କ୍ଷୀର, ମହୁ, ଦହି ପ୍ରଭୃତି ପୂଜା ସାମଗ୍ରୀରେ ଅଭିଷେକ କଲେ କୋଟି ପୁଣ୍ୟ ମିଳେ ଓ ନିଜର ପରିବାରର ସମୃଦ୍ଧି ରୋଗ ବ୍ୟାଧି ଦୂର ହୋଇ ଶାନ୍ତିରେ ଜୀବନ ଅତିବାହିତ ହୁଏ ବୋଲି ବିଶ୍ୱାସ ରହିଛି।

## ସମ୍ଭାବ୍ୟ ବାତ୍ୟା ମୋନ୍ଥାର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି

ନବରଙ୍ଗପୁର(ମବାଭାରତ): ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତା ରେ ସମ୍ଭାବ୍ୟ ବାତ୍ୟା ମୋନ୍ଥା ର ସଫଳ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ବିଶ୍ଵଜିତ ବର୍ମନ୍ , ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ସି ଡି ଓ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ବି ଡି ଓ, ତହସିଲଦାର,ସି ଡି ପି ଓ, ନିର୍ବାହୀ ଅଧିକାରୀ,ପୌରପାଳିକା ନବରଙ୍ଗପୁର/ ଉମରକୋଟ ଉପସ୍ଥିତ ଥିଲେ।ଜରୁରୀ କାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା ଏଜେଣ୍ଡା ଅନୁଯାୟୀ ବିଭିନ୍ନ ବିଭାଗୀୟ ପଦକ୍ଷେପ ଉପରେ ପାଠ କରିଥିଲେ। ଜିଲ୍ଲାପାଳ ବୈଠକରେ ସମ୍ଭାବ୍ୟ ବାତ୍ୟା,ବନ୍ୟା ପାଇଁ ନିଆଯାଉଥିବା ସତର୍କତା ମୂଳକ ପଦକ୍ଷେପ,ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା,ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା,ନୋଡାଲ ଅଧିକାରୀଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ,ନିୟନ୍ତ୍ରଣ କକ୍ଷ ସ୍ଥାପନ,ବନ୍ୟା କିମ୍ବା ବାତ୍ୟାରେ ରାସ୍ତା ନଷ୍ଟ,ଗଛ ପଡ଼ି ରାସ୍ତା ଅବରୋଧ ହଟାଇବା ପାଇଁ ସୁବ୍ୟବସ୍ଥା କରିବା,ପାଣିପାଗ ରିପୋର୍ଟ,ଚେତାବନୀ,ବନ୍ୟା ବୁଲେଟିନ କୁ ପ୍ରଚାର ପ୍ରସାର କରିବା,ଟେଲିଫୋନ ଓ ବିଦ୍ୟୁତ ସରାବରାହ ପାଇଁ ପଦକ୍ଷେପ, ନିରା ପଦ ପାନୀୟ ଜଳ ଯୋଗାଣ,ସ୍ୱାସ୍ଥ୍ୟ ଓ ପରିମଳ,ପ୍ରାଣୀ ଚିକିତ୍ସା,କୃଷି ଜନିତ ସମସ୍ୟା,ଆଶ୍ରୟ ସ୍ଥଳୀରେ ସମସ୍ତ ସୁବ୍ୟବସ୍ଥା,ଜଳମଗ୍ନ ସମ୍ଭାବନା ଥିବା ତଳିଆ ଅଞ୍ଚଳ ଚିହ୍ନଟ,ଆଗୁଆ ସ୍ଥାନାନ୍ତର ଯୋଜନା, ସ୍ୱାସ୍ଥ୍ୟ କେନ୍ଦ୍ର ରେ ସମସ୍ତ ସୁବ୍ୟବସ୍ଥା,ଓଡରାଫ ଟିମ୍,ଅଗ୍ନିଶ୍ରମ ବାହିନୀ ମୃତୟନ, ବିପର୍ଯ୍ୟୟ ପରେ ବିଦ୍ୟୁତ,ଟେଲିଫୋନ ସଂଯୋଗିକରଣ,ରାସ୍ତାର ପୁନରୁଦ୍ଧାର,ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସରକାରୀ,ବେସରକାରୀ ଅନୁଷ୍ଠାନ ସହ ସମସ୍ତଙ୍କ ସଂପୃକ୍ତି,ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ଆଶ୍ରୟ,ଖାଦ୍ୟ,ପାଣି,ପରିମଳ, ଚିକିତ୍ସା ର ବ୍ୟବସ୍ତା,ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ର ବ୍ୟବସ୍ଥା କୁ ସୁନିଶ୍ଚିତ କରାଇବାକୁ ଓ ସଫଳ ମୁକାବିଲା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବ୍ଲକ ରେ ବିଦ୍ୟାଳୟ ମାନଙ୍କରେ ଆଶ୍ରୟ ସ୍ଥଳୀ ସହ ଯଥେଷ୍ଟ ପରିମାଣ ର ଜେସିବି,ଟ୍ରାକ୍ଟର, ବାଲି ବସ୍ତା ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ମହଜୁଦ କରାଯାଇଛି। ଗତ ୨୬ ଅକ୍ଟୋବର ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ସରକାରୀ,ବେସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଆସନ୍ତା ୨୮ ତାରିଖ ରୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ।

## ଜିଲ୍ଲା ପାଳଙ୍କ ଅଭିଯାଗ ଶୁଣାଣି ଶିବିର

ଦେବଗଡ଼(ମହାଭାରତ): ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୬୩ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୭ ଟି ବ୍ୟକ୍ତିଗତ ଏବଂ ୨୬ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ସି ସି ରାସ୍ତା ନିର୍ମାଣ , ପାନୀୟ ଜଳ,ଜମିର ପଟ୍ଟା କରେକ୍ସନ୍ , ଅକ୍ଷମତା ଭତ୍ତା ,ହାତୀ ଦ୍ୱାରା ଫସଲ ନଷ୍ଟ ହୋଇଥିବା କ୍ଷୟକ୍ଷତି ଓ ଷ୍ଟିଟଲାଇଟ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି,ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା,ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ପ୍ରତି ମାସରେ ବାହାବେଦିରୁ ୬ ନାବାଳିକା ଉଦ୍ଧାର

# ୫ ବର୍ଷରେ ୨୯୬ ନାବାଳିକାଙ୍କ ବାହାଘର ବନ୍ଦ କରିଛି ପ୍ରଶାସନ



ନୟାଗଡ଼, ( ମହାଭାରତ ) : ବାଲ୍ୟବିବାହ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ନୟାଗଡ଼ ଜିଲ୍ଲାର ଉପାନ୍ତ ଅ□ଳରେ ପ୍ରଶାସନ ପହଞ୍ଚି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରୁଛି। ତଥାପି ବାଲ୍ୟବିବାହ ଉପରେ ରୋକ୍ ଲାଗିପାରୁ ନାହିଁୟ ଗତ ଏପ୍ରିଲୁ ସେପ୍ଟେମ୍ବର ମାସ ମଧ୍ୟରେ ୨୯ଟି ମାମଲା ନଜରକୁ ଆସିଥିବା ବେଳେ ୧୯ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସିଡବ୍ଲୁସିଙ୍କ ନିକଟରେ ହାଜର କରିଛି। ଏମିତି ଢଙ୍ଗରେ ଗତ ୫ ବର୍ଷର ମଧ୍ୟରେ ପ୍ରାୟ ୩ ଶହ ବାଲ୍ୟବିବାହ ବନ୍ଦ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ୨୯ଟି ବାଲ୍ୟବିବାହ ବନ୍ଦ କରାଯାଇଛି। ସାଧାରଣ ଲୋକ ଙ୍କ ଠାରୁ ଫୋନ୍ ପାଇ ଶିଶୁ ସୁରକ୍ଷା ବିଭାଗ ଏମିତି ପଦକ୍ଷେପ ନେଇଛି ସେଥିମଧ୍ୟରୁ ୧୦ ଜଣ ଏବେ ବି ଫେରାର ଅଛନ୍ତି। ନିୟମ ଅନୁଯାୟୀ, ଉଦ୍ଧାର କରାଯାଉଥିବା ନାବାଳିକାଙ୍କ ପିତାମାତାଙ୍କ ନାଁରେ କୌଣସି ମାମଲା ରୁଜୁ କରାଯାଇ ପାରିବ ନାହିଁ। ମାତ୍ର ପୁଅମାନଙ୍କର ପରିବାରବର୍ଗଙ୍କ ନାଁରେ ମାମଲା ରୁଜୁ କରିବାକୁ ନିୟମ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି। ଏହାଛଡ଼ା ବାଲ୍ୟବିବାହ ରୋକିବା ଦିଗରେ ସଚେତନତା ସୃଷ୍ଟି ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ଦାୟିତ୍ୱ ଦିଆଯାଉଥିଲେ ମଧ୍ୟ ସେମାନେ ସେତେଟା ତତ୍ପର ହେଉନାହାନ୍ତି ବିବାହ କରିବା ପାଇଁ ନାବାଳିକା ଯେତେବେଳେ ଆସୁଛି, ସେତେବେଳେ ହିଁ ସେମାନଙ୍କର ନିମ୍ନ ଭାଙ୍ଗୁଛି ୨୦୧୯ ରେ ୨୩ ଜଣ ନାବାଳିକାଙ୍କ ବିବାହ ବନ୍ଦ କରାଯାଇଥିବା ବେଳେ ୨୦୨୦ରେ ୪୬ଟି, ୨୦୨୧ ରେ ୭୭ଟି, ୨୦୨୨ରେ ୯୦ଟି ଓ ୨୦୨୩ରେ ୬୦ଟି ବାଲ୍ୟବିବାହ ଉପରେ ପ୍ରଶାସନ ରୋକ୍ ଲଗାଇଛି ଏହି ୫ ବର୍ଷ ମଧ୍ୟରେ ମୋଟ୍ ୨୯୬ଟି ବାଲ୍ୟବିବାହକୁ ବନ୍ଦ କରି ଦିଆଯାଇଛି। ଏହା ମଧ୍ୟରେ ଅତି ଛୋଟ ଅବସ୍ଥାରେ ୮ ଜଣ ନାବାଳିକାଙ୍କୁ ସେମାନଙ୍କ ପରିବାର ଲୋକ ବାହାଘର କରି ଦେଉଥିବା ବେଳେ ଖବର ପାଇ ପ୍ରଶାସନ ସେଠାରେ ପହଞ୍ଚି ଏହାକୁ ବନ୍ଦ କରିଛି ଓ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି ପ୍ରଶାସନ ପକ୍ଷରୁ ଜିଲ୍ଲାର ୧୫୩୨ ଗାଁ ମଧ୍ୟରୁ ୭୬୪ ଗାଁକୁ ବାଲ୍ୟବିବାହମୁକ୍ତ ଭାବେ ଘୋଷଣା କରାଯାଇଛି। ତଥାପି ଏତେ ସଂଖ୍ୟାରେ ନାବାଳିକାଙ୍କର କେମିତି ବିବାହ ହେଉଛି, ତାହା ଜଣାପଡୁନାହିଁ। ଯେତିକି ମାମଲା ସାମ୍ନାକୁ ଆସିଛି, ଏହାର ତଥ୍ୟ ପ୍ରଶାସନ ପାଖରେ ରହିଛି ଉପାନ୍ତ ଅଞ୍ଚଳରେ ଏମିତି ଘଟଣା ଘଟିଥିଲେ ମଧ୍ୟ ଏହି ଖବର ପ୍ରଶାସନ ପାଖରେ ପହଞ୍ଚି ପାରୁନାହିଁ। ଆଦିବାସୀ ସମୁଦାୟ ହୁଅନ୍ତୁ ଅବା ଆର୍ଥିକ ଅନଗ୍ରସର ପରିବାର, ସେମାନେ ପ୍ରଶାସନର ଏହି ସଚେତନତାକୁ ସେତେଟା ଗୁରୁ ପ୍ରଦାନ କରୁନଥିବା ସ୍ପଷ୍ଟ ଭାବେ ଜଣାପଡୁଛ। ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ସେଲ୍ ମୁଖ୍ୟ ସିବ୍ୟାନ ପ୍ରଧାନ କୁହନ୍ତି ଯେ, ରୋଜଗାର କମ୍ ସାଙ୍ଗକୁ ଘରେ ଯଦି ଅଧିକ ଝିଅ ରହୁଛନ୍ତି, ତେବେ ଯେତେବେଳେ ବି ବିବାହ ପ୍ରସ୍ତାବ ଆସୁଛି, ପରିବାରବର୍ଗ ରାଜି ହୋଇ ଯାଉଛନ୍ତି। ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଏବେ ପ୍ରଶାସନ ପକ୍ଷରୁ ଟୋଲ୍ଫ୍ରି ନମ୍ବର ଲଗାଇ ଦିଆଯାଇଛି। ଏଣୁ ବାଲ୍ୟବିବାହ ହେଉଥିବା ଅଞ୍ଚଳ ଗୁଡ଼ିକରୁ ଲୋକ ମାନେ ପ୍ରଶାସନକୁ ଫୋନ୍ କରି ଘଟଣା ସମ୍ପର୍କରେ ଅବଗତ କରାଉଛନ୍ତି। ଖବର ଆସିଲେ ତୁରନ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସେଠାରେ ପହଞ୍ଚି ଏହାକୁ ବନ୍ଦ କରୁଛନ୍ତି।

## ଚାରି ମାସର ପ୍ରୋତ୍ସାହନ ରାଶି ଦିଅ, ନ ହେଲେ ହେବ ଆନ୍ଦୋଳନ



ଅନୁଗୋଳ (ମହାଭାରତ):ଅନୁଗୋଳ ଜିଲ୍ଲାରେ କାର୍ଯ୍ୟ କରୁଥିବା ଆଶା କର୍ମୀମାନଙ୍କୁ ୪ ମାସ ହେଲା ପ୍ରୋତ୍ସାହନ ରାଶି ମିଳିନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଙ୍କୁ ସୋମବାର ଅଭିଯୋଗ କରିଛନ୍ତି। ଅନୁଗୋଳ ଜିଲ୍ଲାର ଆଶା କର୍ମୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଓ ପରିବାର ପ୍ରତି ପୋଷଣ ପାଇଁ ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ଆଶା କର୍ମୀମାନଙ୍କ ଅଭିଯୋଗ ଅନୁସାରେ, ସେମାନେ ପାଉଥିବା ପ୍ରୋତ୍ସାହନ ରାଶିରୁ ପରିବାର ପ୍ରତିପୋଷଣ କରିଥାନ୍ତି। ପ୍ରତିମାସରେ ଯଦି ପ୍ରୋତ୍ସାହନ ରାଶି ମିଳି ଯାଆନ୍ତା ପରିବାର ପୋଷିବା ସହ ଖୁସିରେ ରହି ସରକାରୀ କାର୍ଯ୍ୟଗୁଡ଼ିକୁ ତୁଲାଇ ପାରନ୍ତେ ।ସେମାନେ ଆଉ ଏକ ଅଭିଯୋଗ କରିଛନ୍ତିଯେ, ଡ଼ାକ୍ତରଖାନାରେ ଝାଡୁଦାର ଠାରୁ ଆରମ୍ଭ କରି ଡ଼ାକ୍ତର ପର୍ଯ୍ୟନ୍ତ ସମସ୍ତେ ଚ଼ପଲ ପିନ୍ଧି କାର୍ଯ୍ୟ ନିର୍ବାହ କରୁଥିଲା ବେଳେ, ଆଶା କର୍ମୀ ମାନଙ୍କୁ ବାରଣ କରାଯାଇଛି। ତେଣୁ ସେମାନେ ଦାବି କରିଛନ୍ତି କି, ଚ଼ପଲ ପିନ୍ଧିବାକୁ ଅନୁମତି ଦିଆଗଲେ, ସେମାନେ ଆଶାଗୃହ ଠାରେ ଚ଼ପଲ ରଖି କାର୍ଯ୍ୟ କରିବେ ବୋଲି କହିଛନ୍ତି।୨୦୨୦ ରୁ ଟିବି ପ୍ରୋତ୍ସାହନ ରାଶି ମିଳି ନଥିଲା ବେଳେ, ଗତ ଜୁଲାଇ ମାସଠାରୁ ଆଜି ପର୍ଯ୍ୟନ୍ତ ବକେୟା ପାଉଣା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଦାବି ଗୁଡିକ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଦଶପଲ୍ଲା ପୋଲିସ ପକ୍ଷରୁ ସାଇବର ନିରାପଦ ଶିବିର-୨୦୨୫ ଅନୁଷ୍ଠିତ




ଦଶପଲ୍ଲା, (ମହାଭାରତ): ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଠକେଇ, ଅନଲାଇନ ଅପରାଧ ଓ ଡିଜିଟାଲ ଅର୍ଥନୀତି ସମ୍ବନ୍ଧୀୟ ବିଷୟରେ ସାମାଜିକ ସଚେତନତା ବୃଦ୍ଧି ପାଇଁ ଦଶପଲ୍ଲା ପୋଲିସ ବିଭାଗ ପକ୍ଷରୁ ସାଇବର ନିରାପଦ ଶିବିର-୨୦୨୫ ଆୟୋଜିତ ହୋଇଯାଇଛି। ଏହି ଶିବିର ବାରପୁରିକିଆ ଛକ ନିକଟସ୍ଥ କ୍ରିଷ୍ଣାକଲ୍ୟାଣ ମଣ୍ଡପ ଠାରେ ଗୋଟିଏ ସୁସଂଘଟିତ ପରିବେଶରେ ପ୍ରବାହିତ ହୋଇଥିଲା। ଏହି ଶିବିରରେ ଆଡିଶନାଲ ଏସପି ସୁବାଷ ଚନ୍ଦ୍ର ପଣ୍ଡା, ଏସଡ଼ିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଡ଼ିଏସପି ସୁକାନ୍ତ ପାତ୍ର, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁଙ୍କ ସହିତ କାଉନସିଲର ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିବା ବେଳେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ। ଶିବିରରେ ସମସ୍ତ ଅତିଥି ସାଇବର ଅପରାଧୀମାନେ ବିଭିନ୍ନ ନୂଆ ଉପାୟରେ ସାଧାରଣ ଲୋକଙ୍କୁ ଲକ୍ଷ୍ୟ କରୁଛନ୍ତି। ଫୋନ କଲ, ଓଟିପି ସେୟାର, ଭୁଲ ଆପ୍, ଲୋଭନୀୟ ଲିଙ୍କ, ଟଚଓ ଠକେଇ ଓ ସୋସିଆଲ ମିଡିଆ ହ୍ୟାକିଂ ମାଧ୍ୟମରେ ଲୋକଙ୍କୁ ଅନେକ ସମୟରେ ଠକାଯାଉଛି। ସଚେତନ କରିବା ନିମନ୍ତେ କହିଥିଲେ ଯେ ଅଜଣା ଲିଙ୍କ କ୍ଲିକ କରିବେ ନାହିଁ, ପାସୱାର୍ଡ ଓ ଙ୍ଞଚ ସେୟାର କରିବା ନାହିଁ, ସନ୍ଦେହଜନକ ଫୋନ କଲକୁ ସତର୍କ ରହିବା ଆବଶ୍ୟକ ବୋଲି କହିଥିଲେ। ଠକେଇ ଘଟିଲେ ୧୯୩୦ ହେଲ୍ପଲାଇନକୁ ତୁରନ୍ତ ଫୋନ କରିବା ଓ ପୋର୍ଟାଲ ମାଧ୍ୟମରେ ଅଭିଯୋଗ ଦାୟର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶେଷରେ ଧନ୍ୟବାଦ ଜଣାଇ ଶିବିରର ସମାପନ ଘୋଷଣା କରାଯାଇଥିଲା। ପୋଲିସ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ, ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀଦିନରେ ଅନ୍ୟାନ୍ୟ ପଞ୍ଚାୟତ ଓ ସ୍କୁଲ-କଲେଜଗୁଡ଼ିକରେ ମଧ୍ୟ ଆୟୋଜିତ ହେବ।

## ସମ୍ଭାବ୍ୟ ବାତ୍ୟା ମୋନ୍ଥା କୁ ନେଇ ଆସିକାବାସୀ ଆତଙ୍କିତ

ଆସିକା (ମହାଭାରତ): ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ଆସିକା ବାସୀ ଆତଙ୍କିତ। ଋଷିକୂଲ୍ୟା ଓ ବଡ଼ନଦୀ ଦୁଇଟି ଆସିକାର ଦୁଇ ପାର୍ଶ୍ୱରେ ପ୍ରବାହିତ ହୋଇଛି। ଓଡ଼ିଶାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ମଧ୍ୟରୁ ଆସିକା ପ୍ରମୁଖ ସ୍ଥାନ ଅଟେ। ଆସିକାରେ ଅନେକ ଥର ବଡ଼ ଧରଣର ବନ୍ୟାହୋଇ ବହୁ ଧନ ଜୀବନ କ୍ଷୟ କ୍ଷତି ହୋଇଛି।ପ୍ରକାଶ ଥାଉକି ୧୯୬୯ ଭୟଙ୍କର ବଡ଼ନଦୀ ବନ୍ୟା ରେ ଆସିକା ସହର ବୁଡ଼ିଯାଇ ଅନେକ ଘର ଦ୍ୱାର ଗୋରୁ ଗାଈ ମଣିଷ ଭାସି ଯାଇଥିଲେୟ ସେହିଭଳି ୧୯୯୦ ବନ୍ୟା ୧୯୬୯ ବନ୍ୟା ଠାରୁ ଆହୁରି ଭୟଙ୍କର ହୋଇ ୧୮୮୫ ମସିହାରେ ଋଷିକୂଲ୍ୟା ନଦୀ ଉପରେ ନିର୍ମିତ ବ୍ରିଜ କୁ ଭସାଇ ନେବା ସହ ବନ୍ୟାରେ ଆସିକାର ବ୍ୟାପକ କ୍ଷୟ କ୍ଷତି ଘଟିଥିଲା।ଏହାପରେ ୧୯୯୯ରେ ମହାବାତ୍ୟା ରେ ଆସିକା ଜଳମଗ୍ନ ହୋଇ ବ୍ୟାପକ କ୍ଷତି ହୋଇଥିଲା। ସେହିଭଳି ଫାଇଲିନ,ତିତିଲି ବାତ୍ୟା ଆସିକାର ମେରୁଦଣ୍ଡ ଦୋହଲାଇ ଦେଇଥିଲା।ପୁଣି ପାଣିପାଗ ବିଭାଗ ପକ୍ଷରୁ ମୋନ୍ଥା ବାତ୍ୟା ପାଇଁ ଘୋଷଣା ପରେ ଆସିକା ବାସୀଙ୍କ ମଧ୍ୟରେ ଭୟର ସଂଚାର ଘଟିଛି। ଅନ୍ୟ ପଟରେ ପ୍ରଶାସନ ବାତ୍ୟା ପ୍ରସ୍ତୁତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଅନ୍ୟପଟରେ ଋଷିକୂଲ୍ୟା ନଦୀ ଉପରେ ଥିବା ସୋରଡ଼ା ଜଳଭଣ୍ଡାର ଏହି ବର୍ଷ ବର୍ଷା ଋତୁର ୯୫% ଜଳ ଭର୍ତ୍ତି ହୋଇ ରହିଛି। ସେହିଭଳି ବଡ଼ନଦୀ ଉପର ମୁଣ୍ଡରେ ଭଞ୍ଜନଗର ଓ ଡହ ଜଳଭଣ୍ଡାର ରେ ମଧ୍ୟ ଜଳ ପରିପୂର୍ଣ୍ଣ ହୋଇ ରହିଅଛି। ଗଞ୍ଜାମ ଜିଲ୍ଲାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ଅର୍ଥାତ କନ୍ଧମାଳ, ଗଜପତି ରାୟଗଡା ରେ ବଡ଼ଧରଣର ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ଡେମ ଗୁଡିକରେ ଜଳ, ଲଗାଣବର୍ଷା ଏକ କାଳୀନ ଦୁଇଟି ନଦୀରେ ପାଣି ଆସିଲେ ଆସିକା ସହରବାସୀ ଏଥପାଇଁ ଆତଙ୍କିତ ହୋଇ ରହିଛନ୍ତି। ଅନ୍ୟପଟେ ଆସିକା ଦେଇ ଯାଇଥିବା ଟିପିସର ନାଳ ସମ୍ପୂର୍ଣ୍ଣ ଘାସ ଦଳ ପରିପୂର୍ଣ୍ଣ ହୋଇରହିଛି। ସହରର ବନ୍ୟା ଜଳ ନିଷ୍କାସନ ହୋଇପାରିବନିୟ ସେହିଭଳି ବଡ଼ନଦୀ ଓ ଋଷିକୂଲ୍ୟା ର ବିଭିନ୍ନ ବାଲିଘାଟ ପ୍ରଶାସନ ପକ୍ଷରୁ ବାଲିନେବା ପାଇଁ ଅନୁମତି ଥିବା ଓ ତାହା ଠାରୁ ଅଧିକ ବିନା ଟେଣ୍ଡରରେ ଘାଟ ଗୁଡିକରେ ନଦୀହୁଡା କାଟି ହାଇୱା, ଟ୍ରାକ୍ଟର ବାଲି ପରିବହନ ଚାଲିଛି। ଯଦି ନଦୀରେ ବନ୍ୟା ଆସେ ତେବେ ଏହି କଟା ହୁଡ଼ା ଦେଇ ଆସିକା ମଧ୍ୟକୁ ବନ୍ୟା ଜଳ ପ୍ରବେଶ କରିବା ଏକ ପ୍ରକାର ସୁନିଶ୍ଚିତ। ସେହିଭଳି ଆସିକା ବ୍ଲକର ୨୭ପଞ୍ଚାୟତ ୧୦୩ଗାଁ ମଧ୍ୟରୁ ୮୦ଟି ଗାଁ ବନ୍ୟା ପ୍ରଭାବିତ ଅଟେ ନାମକୁ ମାତ୍ର କେତୋଟି ଗାଁରେ ବନ୍ୟା ଆଶ୍ରୟ ସ୍ଥଳୀ ରହିଛ। ମୋନ୍ଥା ମୁକାବିଲା ପାଇଁ ଚାଉଳ, ଚୁଡା, ଗୁଡ଼, ରନ୍ଧନ ଗ୍ୟାସ, ପ୍ରାଥମିକ ଚିକିତ୍ସା ଔଷଧ, ଗୋ ଖାଦ୍ୟ,ରାସ୍ତା ସଫେଇ ପାଇଁ ଜେସିବି ମେସିନ ଓ ପଡିଯାଇଥିବା ଗଛ କାଟିବା ପାଇଁ କଟର ମେସିନ ନିର୍ଦ୍ଦିଷ୍ଟ ସମ୍ବେଦନଶୀଳ ସ୍ଥାନରେ ନଥିବା ଜଣାଯାଇଛି। ଅନ୍ୟପଟରେ ଆସିକା ବ୍ୟାପକ ଅଞ୍ଚଳ ପାଇଁ ନମକୁମାତ୍ର ଗୋଟିଏ ଦମକଳ ଓ ଗୋଟିଏ ଓଡ୍ରାଫ ଟିମ ରହିଥିବା ଜଣାଯାଇଛି।

### ଯୋଡ଼ା ପୌରପାଳିକାର ଉନ୍ନୟନ ଯୋଜନା ଅଟକି ରହିଛି

# ବସ ଷ୍ଟାଣ୍ଡ ,ଟ୍ରକ୍ ଟର୍ମିନାଲ ନିର୍ମାଣରେ ବିଳମ୍ବ



ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ର ସମ୍ପୂର୍ଣ୍ଣ ଖଣି ପ୍ରଭାବିତ ଯୋଡା ପୌର ପୟଳିକୟ ର ଉନ୍ନୟନ ଯୋଜନା ଅଟକି ରହୁଛି ।ଖଣି ପରିବେଷ୍ଟିତ ଯୋଡା ଅ□ଳ ଧୂଳି ଧୂଆଁ ରେ ଜର୍ଜରିତ ହୋଇ ଜିଲ୍ଲା ରାଜ କୋଷ କୁ ଜିଲ୍ଲା ଖଣିଜ ପାଣ୍ଠି ଆକାର ରେ ବାର୍ଷିକ ୧୪ ଶହ କୋଟି ଟଙ୍କା ରୁ ଉର୍ଦ୍ଧ୍ୱ ଜିଲ୍ଲା ଉନ୍ନୟନ କାର୍ଯ୍ୟରେ ବିନିଯୋଗ ପାଇଁ ଦେଉଛି ।୨୦୧୫ ମସିହା ସେପ୍ଟେମ୍ବର ମାସ ଠାରୁ ଏଯାବ୍ କେବଳ ଯୋଡା ଖଣି ମଣ୍ଡଳ ପ୍ରାୟ ୧୬ ହଜାର କୋଟି ଟଙ୍କା ରୁ ଉର୍ଦ୍ଧ୍ୱ ଜିଲ୍ଲା ଖଣିଜ ପାଣ୍ଠି କୁ ଦେଇଛି ।ସେହିପରି ରାଜ୍ୟ ସରକାର ଙ୍କୁ ଖଣି ରାଜସ୍ୱ ବାବଦରେ ୨୦୨୪- ୨୫ ଆର୍ଥିକ ବର୍ଷରେ କେବଳ ଯୋଡା ଖଣି ମଣ୍ଡଳ ୧୯ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଦେଇଥିଲା ।୨୦୨୩- ୨୪ ଆର୍ଥିକ ବର୍ଷରେ ୨୧ ହଜାର କୋଟି ଟଙ୍କା ରାଜସ୍ୱ ଦେଇଥିଲା ।ଏତଦବ୍ୟତୀତ ସୁପ୍ରିମ କୋର୍ଟ ଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି କରିଥିବା ଖଣି ଲିଜଧାରି ମାନେ ଜୋରିମାନା ବାବଦରେ ରାଜ୍ୟ ସରକାର ଙ୍କୁ ପ୍ରାୟ ୧୫ ହଜାର କୋଟି ଟଙ୍କା ରୁ ଉର୍ଦ୍ଧ୍ୱ ପୈଠ କରିଛନ୍ତି ।ଏହି ସମସ୍ତ ଅର୍ଥ ଯୋଡା ଖଣି ମଣ୍ଡଳ ରୁ ଯାଉଥିବା ବେଳେ କେନ୍ଦୁଝର ଜିଲ୍ଲା ର ଖଣି ସହର ଯୋଡା ର ବିକାଶ ହୋଇ ପାରୁ ନାହିଁ ।ଯୋଡା ସହର ର ସର୍ବନିମ୍ନ ଆବଶ୍ୟକ ବସ ଷ୍ଟାଣ୍ଡ,ଟ୍ରକ୍ ଟର୍ମିନାଲ, ପରିବା ମାର୍କେଟ ,ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ,ସ୍ଥାୟୀ ଆମିଷ ବଜାର, ସହର ର ଗଳିକନ୍ଦି ର ରାସ୍ତା ନିର୍ମାଣ ,ପ୍ରଭୃତି ଯୋଜନା ଅଟକି ରହିଛି । ଏ ନେଇ ତତ୍କାଳୀନ ବିଜେଡି ସଭାପତି ନିରଞ୍ଜନ ବହିଦାର କହିଛନ୍ତି ଯେ,ପୂର୍ବତନ ସାଂସଦ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ର ଯୋଡା ବସ ଷ୍ଟାଣ୍ଡ ଓ ଗୋପ ବନ୍ଧୁ ମାର୍କେଟ କମ୍ପ୍ଲେକ୍ସ ର ଭୂମି ପୂଜା କରିଥିଲେ ।ମାତ୍ର ତତ୍କାଳୀନ ସରକାରଙ୍କ ଉଦାସୀନତା ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଏହି ଯୋଜନା ଗୁଡ଼ିକ ଫଳ ପ୍ରଦ ହୋଇ ପାରିଲା ନାହିଁୟ ବିଶେଷକରି ସ୍ଥାୟୀ ବସ ଷ୍ଟାଣ୍ଡ,ମାର୍କେଟ କମ୍ପ୍ଲେକ୍ସ, ପରିବା। ବଜାର ନ ଥିବାରୁ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଛି ।ବର୍ତ୍ତମାନ ର ବସ ଷ୍ଟାଣ୍ଡ ଟି ଅତ୍ୟନ୍ତ ଛୋଟ ଜାଗାରେ ହୋଇ ଥିବାରୁ ଏଂ ଦୋକାନ ବଜାର ଅତିକ୍ରମଣ ଯୋଗୁଁ ତିନୋଟି ବସ ରହିଲେ ଯାତାୟାତ ବନ୍ଦ ହୋଇ ଯାଉଛି ।ଏହା ସହିତ ସ୍ଥାନୀୟ ଅଞ୍ଚଳ ରେ ଥିବା ଖଣି କମ୍ପାନୀ ର ଏକାଧିକ ଘରୋଇ ବସ ଗୁଡ଼ିକ ଚଳାଚଳ କରୁଥିବାରୁ ବସ ଷ୍ଟାଣ୍ଡ ଟି ଅଚଳ ହୋଇ ପଡୁଛି ।ନୂତନ ବସ ଷ୍ଟାଣ୍ଡ ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆଗକୁ ଯାଇ ନାହିଁ ।ରାଜ୍ୟ ସରକାର ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ ହେଁ ପୌର ପରିଷଦ ଓ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବ ରୁ ଭୂ ତ□ ବିଭାଗ ପକ୍ଷରୁ ପରିବହନ ବିଭାଗ କୁ ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର କରାଯାଇ ନାହିଁ ।ପ୍ରାୟ ୨.୫ ଏକର ଜମିରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳ ରେ ବସ ଷ୍ଟାଣ୍ଡ ନିର୍ମାଣ ର ଯୋଜନା ଶୀତଳ ଭଣ୍ଡାର ରେ ରହି ଯାଇଛି ।କମାରଯୋଡା ଠାରେ ଜିଲ୍ଲା ଖଣିଜ ପାଣ୍ଠି ର ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳ ରେ ଏକ ଟ୍ରକ୍ ଟର୍ମିନାଲ ଯୋଜନା ମଧ୍ୟ ଅଟକି ରହିଛି । ପରିବା ବଜାର ଓ ମାର୍କେଟ କମ୍ପ୍ଲେକ୍ସ ଯୋଜନା ର କୌଣସି ରୂପ ରେଖ ବର୍ତ୍ତମାନ ସୁଦ୍ଧା ପୌର ପାଳିକା। ପକ୍ଷରୁ ନିଆ ଯାଇ ନାହିଁ । ଏ ସମ୍ପର୍କରେ ପୌର ପଳୀକା ନିର୍ବାହୀ ଅଧିକାରୀ ଦାୟିତ୍ୱ ରେ ଥିବା ଯୋଡା ବିଡ଼ିଓ ଡେନିସ ବେହେରା କହିଛନ୍ତି ଯେ, ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାରୀ ସ୍ତରରେ ଓ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ଆଲୋଚନା ଜାରି ରହିଛି।

# ଆନ୍ଧ୍ର, ତାମିଲନାଡୁରେ ପ୍ରବଳ ବର୍ଷା



ନୂଆଦିଲ୍ଲୀ: ବାତ୍ୟା 'ମୋନ୍ଥା' ୨୮ ତାରିଖରେ ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ସ୍ଥଳଭାଗ ଛୁଇଁବ। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ସମେତ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ବାତ୍ୟା ଆନ୍ଧ୍ର ମୁହାଁ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍? ଚନ୍ଦ୍ରବାବୁ ନାଇଡୁଙ୍କ ସହିତ ଫୋନରେ କଥା ହୋଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନାଇଡୁ ଅମରାବତୀ ଆରଟିଜିଏସ୍‌ଠାରେ ବାତ୍ୟା ସମୀକ୍ଷା କରିଛନ୍ତି। ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ କହିବା ସହିତ ଘଣ୍ଟାକୁ ଘଣ୍ଟା ବାତ୍ୟାର ଗତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଓ ବନ୍ୟା ଆଶଙ୍କା ଥିବା ଅଞ୍ଚଳରେ ଆଗୁଆ ସତର୍କତା ମୂଳକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନଦୀବନ୍ଧ ସୁଦୃଢ଼ କରିବା ଏବଂ ଚାଷୀଙ୍କ ଫସଲ ଯେପରି ନଷ୍ଟ ନହେବ ସେନେଇ ଆଗୁଆ ପଦକ୍ଷେପ ନେବାକୁ କହିଛନ୍ତି। ଆଇଏମ୍‌ଡି ଆନ୍ଧ୍ରପ୍ରଦେଶର ୨୬ ଜିଲ୍ଲାରୁ ୨୩ ଜିଲ୍ଲା ପାଇଁ ରେଡ୍? ଓ ଅରେଞ୍ଜ ଆଲର୍ଟ ଜାରି କରିଛି। ଏସ୍‌ପିଏସ୍‌ଆର ନେଲ୍ଲୋର, ପ୍ରକାଶମ୍, ବାପଟଲା, କ୍ରିଷ୍ଣା, ପଶ୍ଚିମ ଗୋଦାବରୀ, , ଡ. ବି.ଆର. ଆମ୍ବେଦକର କୋନାସୀମା ଓ କାକିନାଡ଼ା ଜିଲ୍ଲା ପାଇଁ ରେଡ୍? ଆଲର୍ଟ ଜାରି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହିତ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଅକ୍ଟୋବର ୨୭ରୁ ୨୯ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଅଣକାପଲ୍ଲୀରେ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ମନ୍ତ୍ରୀ ନର ଲୋକେଶ ବାତ୍ୟା ସ୍ଥିତି ଉପରେ ନଜର ରଖିଥିବାବେଳେ ସେମାନଙ୍କ ତତ୍ତ୍ୱାବଧାନରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି। ହଜାରେରୁ ଅଧିକ ଲୋକଙ୍କୁ ଉପକୂଳ ଏବଂ ତଳୁଆ ଅଞ୍ଚଳରୁ ସ୍ଥାନାନ୍ତରଣ କରାଯାଇଛି। ୪୦୦ ରିଲିଫ କ୍ୟାମ୍ପ ପ୍ରତିଷ୍ଠା କରି ସମସ୍ତ ଆବଶ୍ୟକୀୟ ସାମଗ୍ରୀ ସେଠାରେ ମହଜୁଦ ରଖାଯାଇଛି। ୧୧ଟି ଏନ୍‌ଡିଆରଏଫ୍ ଏବଂ ୧୨ଟି ଏସ୍‌ଡିଆରଏଫ୍ ଟିମ ମୁତୟନ କରାଯାଇଛି। ଏହାସହିତ ବିଦ୍ୟୁତ, ଜଳ ଏବଂ ମେଡିକାଲ ଟିମ୍‌କୁ ସତର୍କ ରଖାଯାଇଛି। ବେଳାଭୂମି ବନ୍ଦ କରାଯାଇଥିବାବେଳେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ସ୍କୁଲ ବନ୍ଦ ରଖାଯାଇଛି। ଲୋକମାନଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ତଳୁଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଓଡ଼ିଶା ଦେଇ ଚଳାଚଳ କରୁଥିବା ଏକାଧିକ ଟ୍ରେନ ବାତିଲ କରାଯାଇଛି।

## ସରିଲା ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ କାର୍ଯ୍ୟ



ଅଯୋଧ୍ୟା : ଦୀର୍ଘଦିନ ଧରି ଚାଲିଥିବା ଅଯୋଧ୍ୟା ରାମମନ୍ଦିର ନିର୍ମାଣ ଶେଷ ହୋଇଛି । ଅଯୋଧ୍ୟାରେ ରାମ ମନ୍ଦିର ଉଦ୍ଘାଟନର ଦେଢ଼ବର୍ଷରୁ ଅଧିକ ସମୟ ପରେ ସରିଲା ମନ୍ଦିର ନିର୍ମାଣ କାର୍ଯ୍ୟ । ୨୨ ଜାନୁଆରୀ ୨୦୨୪ରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ଉଦଘାଟନ ହୋଇଥିଲା । ଆଜି ପୂର୍ଣ୍ଣାଙ୍ଗ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବା ମନ୍ଦିର କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି । ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି, ଆମେ ପ୍ରଭୁ ଶ୍ରୀରାମଙ୍କ ସମସ୍ତ ଭକ୍ତଙ୍କୁ ଏହା ଜଣାଇ ବହୁତ ଖୁସି ହେଉଛୁ ଯେ, ମନ୍ଦିର ନିର୍ମାଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସମାପ୍ତ ହୋଇଛି । କିଛି କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଯେପରିକି ୩.୫ କିଲୋମିଟର ପ୍ରାଚୀର, କର୍ତ୍ତୃପକ୍ଷ କାର୍ଯ୍ୟାଳୟ, ଅତିଥି ଗୃହ, ପ୍ରେକ୍ଷାଳୟ ଏବଂ ସଭାଗୃହ ଇତ୍ୟାଦି । ଯାହାର କୌଣସି ପ୍ରଭାବ ଭକ୍ତଙ୍କ ଉପରେ ପଡ଼ିବ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ କହିଛି କି, ମାନଚିତ୍ର ଅନୁସାରେ ରାସ୍ତା ଏବଂ ଫ୍ଲୋରିଂରେ ପଥର ଲଗାଇଥିବା କାର୍ଯ୍ୟ ଏଲଆଣ୍ଡ ଟି ଦ୍ୱାରା ତଥା ଭୂମି ସୌନ୍ଦର୍ଯ୍ୟ, ଲ୍ୟାଣ୍ଡିଂ ସ୍କୋପିଂ କାର୍ଯ୍ୟ ସହିତ ୧୦ ଏକର ପଞ୍ଚବଟୀ ନିର୍ମାଣ ଉଗଜ ଦ୍ୱାରା ଦ୍ରୁତଗତିରେ କରାଯାଉଛି । ସମସ୍ତ କାର୍ଯ୍ୟ ଏବେ ଚାଲିଛି । ଯେପରିକି ୩.୫ କିଲୋମିଟର ପ୍ରାଚୀର, କର୍ତ୍ତୃପକ୍ଷ କାର୍ଯ୍ୟାଳୟ, ଅତିଥି ଗୃହ, ପ୍ରେକ୍ଷାଳୟ ଏବଂ ସଭାଗୃହ ଇତ୍ୟାଦି ।

## କାର-ବସ୍ ଏବଂ ଟ୍ରକ୍ ଧକ୍କା ୩ ଯାତ୍ରୀ ମୃତ

ଅହମ୍ମଦାବାଦ : ଗତକାଲି ଅହମ୍ମଦାବାଦରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଅହମ୍ମଦାବାଦ-ଭଦୋଦରା ଏକ୍ସପ୍ରେସୱେରେ କାର, ବସ୍ ଏବଂ ଟ୍ରକ୍ ଧକ୍କା ହେବା ଯୋଗୁଁ ଦୁର୍ଘଟଣା ଘଟିଥିବା ଜଣାପଡିଛି ।ଏହି ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ପାଇଁ ତୁରନ୍ତ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ହାଇୱେରେ ଏକ ଟ୍ରାଭେଲ୍ସ ବସ୍ କାର ସହିତ ଧକ୍କା ହୋଇଥିଲା । ଦୁର୍ଘଟଣା ସମୟରେ ବସ୍ ଏବଂ କାର ଡ୍ରାଇଭର ରାସ୍ତାରେ ଠିଆ ହୋଇଥିଲେ । ସେହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ବସ୍ କୁ ଧକ୍କା ଦେଇଥିଲା । ପଛ ସିଟରେ ବସିଥିବା ତିନି ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ସୂଚନା ପାଇଁ ଘଟଣାସ୍ଥଳରେ ୮ଟି ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି ।

## ଚାଷୀଙ୍କୁ ଥାର ଚଢ଼ାଇ ହତ୍ୟାକଲେ ବିଜେପି ନେତା

ଭୋପାଳ: ମଧ୍ୟପ୍ରଦେଶର ଫତେଗଡ଼ ଥାନା ଅଞ୍ଚଳ ଗଣେଶପୁରା ଗାଁରେ ବିଜେପି ନେତା ମହେନ୍ଦ୍ର ନାଗର ଜଣେ ଚାଷୀ ରାମ ସ୍ୱରୂପ ଧାକଡ଼ଙ୍କୁ ମାଡ଼ ମାରିବା ସହିତ ତାଙ୍କ ଉପରେ ଥାର୍ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ଏପରିକି ନାଗର ଓ ତାଙ୍କ ସହଯୋଗୀ ଧାକଡ଼ଙ୍କ ଝିଅମାନଙ୍କ ଉପରେ ଆକ୍ରମଣ କରିଥିଲେ। ଧାକଡ଼ ଓ ତାଙ୍କ ସ୍ତ୍ରୀ କ୍ଷେତକୁ ଯାଉଥିବାବେଳେ ନାଗର ଓ ତାଙ୍କ ସହଯୋଗୀ ଆକ୍ରମଣ କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନାଗର ଉକ୍ତ ଅଞ୍ଚଳର ଛୋଟ ଛୋଟ ଚାଷୀଙ୍କୁ ସେମାନଙ୍କ ଜମି ତାଙ୍କୁ ବିକି ଦେବାକୁ ଧମକ ଦେଉଥିଲେ। ଧାକଡ଼ ଜମି ବିକିବାକୁ ମନା କରିବାକୁ ବିଜେପି ନେତା ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ତାଙ୍କୁ ଠେଙ୍ଗା ଏବଂ ରଡ୍‌ରେ ପିଟିବା ପରେ ଥାର ଗାଡ଼ି ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଧାକଡ଼ଙ୍କ ଝିଅମାନେ ଏହା ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେମାନେ ଝିଅମାନଙ୍କୁ ମଧ୍ୟ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଘଣ୍ଟାଏରୁ ଅଧିକ ସମୟ ଧରି ଏପରି ଆତଙ୍କରାଜ ଚାଲିଥିଲା। ଅଭିଯୁକ୍ତମାନେ ଫାଙ୍କା ଗୁଳିଚାଳନା କରି ଉପସ୍ଥିତ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ମୃତକଙ୍କ ଭାଇ ରାମ କୁମାର କହିଛନ୍ତି, ସେମାନେ ଝିଅମାନଙ୍କୁ ମାଡ଼ ମାରିବା ସହିତ ସେମାନଙ୍କ ପୋଷାକ ଚିରି ଦେଇଥିଲେ। ୨୦ ଜଣ ଲୋକ ଫାଙ୍କା ଗୁଳିଚାଳନା କରୁଥିଲେ। ତାଙ୍କ ଭାଇ ଉପରେ ପ୍ରଥମେ ଏକ ଟ୍ରାକ୍ଟର ଓ ପରେ ଥାର ମଡ଼ାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଧାକଡ଼ ପଡ଼ି ରହିଥିଲେ ବି ଅଭିଯୁକ୍ତ ତାଙ୍କୁ ହସ୍ପିଟାଲ ନେବାକୁ ଦେଇନଥିଲେ। ଧାକଡ଼ଙ୍କୁ ବହୁ ବିଳମ୍ବରେ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନାଗର, ତାଙ୍କ ପରିବାରର ତିନି ମହିଳା ଏବଂ ଅନ୍ୟ ୧୪ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି। ପୁଲିସ ମୃତକଙ୍କ ପରିବାରର ବୟାନ ରେକର୍ଡ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ କରୁଛି। କଂଗ୍ରେସ ବିଧାୟକ ଋଷି ଅଗ୍ରୱାଲ ଏହି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟରେ ହିଂସା ବଢ଼ି ଚାଲିଛି ବୋଲି କହିଛନ୍ତି।

## ପ୍ରଧାନ ବିଚାରପତି ନିଯୁକ୍ତି: ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାଁ ସୁପାରିସ କଲେ ଜଷ୍ଟିସ୍ ଗୱାଇ



ନୂଆଦିଲ୍ଲୀ: ଭାରତର ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗୱାଇ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ କେନ୍ଦ୍ରକୁ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ଗୱାଇ ନଭେମ୍ବର ୨୩ ତାରିଖରେ ପ୍ରଧାନ ବିଚାରପତି ଭାବେ ଅବସର ଗ୍ରହଣ କରିବା ପରେ ସୁପ୍ରିମ୍‌କୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ ହେବେ। ଚଳିତ ବର୍ଷ ମେ ୧୪ ତାରିଖରେ ଶପଥ ଗ୍ରହଣ କରିଥିବା ପ୍ରଧାନ ବିଚାରପତି ଗୱାଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ କେନ୍ଦ୍ର ଆଇନ ମନ୍ତ୍ରାଳୟକୁ ସୁପାରିସ କରିଛନ୍ତି। ୨୦୧୯ ମେ ୨୪ ତାରିଖରେ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ଦେଢ଼ ବର୍ଷରୁ ଅଧିକ ହେବ। ସେ ଫେବ୍ରୁଆରି ୯, ୨୦୨୭ରେ ଅବସର ନେବାର କାର୍ଯ୍ୟକ୍ରମ ରହିଛି। ୧୯୬୨ ମସିହା ଫେବ୍ରୁଆରି ୧୦ ତାରିଖରେ ହରିୟାଣାର ହିସାର ଜିଲ୍ଲାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୨୦୧୯ ମେ ୨୪ ତାରିଖରେ ସୁପ୍ରିମ୍ ?କୋର୍ଟର ବିଚାରପତି ହୋଇଥିଲେ। ଧାରା ୩୭୦ ଉଚ୍ଛେଦ, ବାକ୍ ସ୍ୱାଧୀନତା, ଗଣତନ୍ତ୍ର, ଦୁର୍ନୀତି, ପରିବେଶ ଓ ଲିଙ୍ଗଗତ ସମାନତା ଆଦି ଅନେକ ମାମଲାର ବିଚାର କରି ସେ ଐତିହାସିକ ରାୟ ଦେଇଛନ୍ତି। ଉପନିବେଶବାଦୀ ଯୁଗର ଦେଶଦ୍ରୋହ ଆଇନକୁ ସ୍ଥଗିତ ରଖିଥିବା ଖଣ୍ଡପୀଠରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଥିଲେ। ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ୬୫ ଲକ୍ଷ ନାମର ବିବରଣୀ ପ୍ରକାଶ କରିବାକୁ ସେ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ସୁପ୍ରିମ୍‌କୋର୍ଟ ବାର୍ ଆସୋସିଏସନ୍ ସମେତ ବାର୍ ଆସୋସିଏସନର ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେବାର ଶ୍ରେୟ ମଧ୍ୟ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଯାଇଛି। ସେ ପ୍ରତିରକ୍ଷା ବାହିନୀ ପାଇଁ ୱାନ୍ ରାଙ୍କ୍-ୱାନ୍ ପେନ୍‌ସନ୍ (ଓଆର୍‌ଓପି) ଯୋଜନାକୁ ସମର୍ଥନ କରି ରାୟ ଦେଇଛନ୍ତି। ୧୯୬୭ ମସିହାରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ରାୟକୁ ଖାରଜ କରି ଅନୁଷ୍ଠାନର ସଂଖ୍ୟାଲଘୁ ମାନ୍ୟତା ଉପରେ ପୁନର୍ବିଚାର ପାଇଁ ବାଟ ଖୋଲିଥିବା ସାତଜଣିଆ ଖଣ୍ଡପୀଠରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଥିଲେ। ପେଗାସସ୍ ସ୍ପାଏୱେର୍ ମାମଲାର ଶୁଣାଣି କରିଥିବା ଖଣ୍ଡପୀଠରେ ବି ସେ ଥିଲେ।

## ଆମେରିକା ନୌସେନା ହେଲିକପ୍ଟର ଏବଂ ଲଢୁଆ ବିମାନ କ୍ରାସ୍

ଆମେରିକା : ଆମେରିକା ନୌସେନାକୁ ବହୁତ ବଡ଼ କ୍ଷତି । ଆମେରିକା ନୌସେନାର ଏକ ହେଲିକପ୍ଟର ଏବଂ ଏକ ଲଢୁଆ ବିମାନ କ୍ରାସ୍ ହୋଇଛି । ତେବେ କ୍ରାସ ହେବାର କାରଣ ଏଯାଏଁ ଜଣାପଡିନାହିଁ । ଆମେରିକା ନୌସେନାର ଲଢୁଆ ବିମାନ ଏବଂ ହେଲିକପ୍ଟର ଦକ୍ଷିଣ ଚୀନ ସାଗରରେ ଦୁର୍ଘଟଣାର ଶିକାର ହୋଇଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକା ନୌସେନା ଏବେ ଜାପାନ ଏବଂ ଏଲାଇଡ ଫୋର୍ସ ସହିତ ମିଳିତ ଯୁଦ୍ଧାଭ୍ୟାସ କରୁଛି । ଆମେରିକା ନୌସେନାର ଏୟାରକ୍ରାଫ୍ଟ କ୍ୟାରିଅରରେ ନିୟୋଜିତ ଏକ ଏଫ-୧୮ ସୁପର ହର୍ନେଟ ଏବଂ ଏକ ଗଐ-୬୦ ହେଲିକପ୍ଟର ଅଲଗା ଅଲଗା ଘଟଣାରେ ସମୁଦ୍ରରେ କ୍ରାସ ହୋଇଛି । ୟୁଏସ୍ ପ୍ୟାସିଫିକ ଫ୍ଲିଟ୍ ଦୁର୍ଘଟଣା ବିଷୟରେ ସୂଚନା ଦେଇଛି । ଦୁର୍ଘଟଣାର କାରଣ ଖୋଜା ଚାଲିଛି ।


## ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆରକୁ ବିଜେପିର ସମର୍ଥନ

ନୂଆଦିଲ୍ଲୀ: ଭାରତର ନିର୍ବାଚନ କମିସନଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଆଜି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ତାରିଖ ଘୋଷଣା କରାଯିବା ପରେ ଏହାକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସ୍ୱଚ୍ଛ ଏବଂ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭୋଟର ତାଲିକାକୁ ସଫା କରିବା, ମୃତକମାନଙ୍କ ନାମକୁ ବାଦ୍ ଦେବା, ପଳାୟନ କରିଥିବା ବ୍ୟକ୍ତି ଏବଂ ବିଦେଶୀ ଅନୁପ୍ରବେଶକାରୀଙ୍କୁ ବାଦ୍ ଦେବା କ୍ଷେତ୍ରରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ବିରୋଧୀ ଦଳଗୁଡ଼ିକ ବୁଝିବା ଦରକାର ନିର୍ବାଚନ କମିସନ ଭଲ କାର୍ଯ୍ୟ କରୁଛନ୍ତି। ଏହାକୁ ପ୍ରଶଂସା କରାଯିବା ଆବଶ୍ୟକ, ଚାଲେଞ୍ଜ ନୁହେଁ ବୋଲି ରିଜିଜୁ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ପୱନ ଖେଡ଼ା କହିଛନ୍ତି ବିହାରର ଏସ୍‌ଆଇଆର ପରେ ଆମେ ଉଠାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ବର୍ତ୍ତମାନ ସୁଦ୍ଧା ନିର୍ବାଚନ କମିସନ ଦେଇନାହାନ୍ତି। ନିର୍ବାଚନ କମିସନ ଏବଂ ବିଜେପିର ଉଦ୍ଦେଶ୍ୟ ଠିକ୍ ନଥିବାରୁ ସୁପ୍ରିମକୋର୍ଟ ଏକାଧିକ ଥର ବିହାର ଏସ୍‌ଆଇଆର ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। ବିହାରରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବାବେଳେ ଜଣେ ହେଲେ ଭୋଟରଙ୍କୁ ସାମିଲ କରାଯାଇ ନାହିଁ। ବିରୋଧୀ ଦଳ ଏବଂ ଭୋଟରମାନେ ଅସନ୍ତୁଷ୍ଟ ଥିବାବେଳେ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର୍ କରିବା ଠିକ୍ ନୁହେଁ ବୋଲି ଖେଡ଼ା କହିଛନ୍ତି। ସେହିଭଳି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ କହିଛନ୍ତି ତାଙ୍କ ରାଜ୍ୟ ପାଇଁ ଏସ୍‌ଆଇଆର ଘୋଷଣା କରାଯାଇଛି। କିନ୍ତୁ ବିହାରରେ କେତେଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି ନିର୍ବାଚନ କମିସନ ତାହା ଆମକୁ ଜଣାଇବା ଆବଶ୍ୟକ। କାରଣ ଏସଆଇଆର ଦ୍ୱାରା ବିଦେଶୀ ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା କଥା କୁହାଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଓଲଟି ପଡିଲା ପର୍ଯ୍ୟଟକ ଭର୍ତ୍ତି ବସ୍ : ଜଣେ ମୃତ

କେରଳ : କେରଳର କୋଟାୟମ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବସରେ ୪୯ ଜଣ ଯାତ୍ରୀ ଥିବା ଜଣାପଡିଛି । ଯେଉଁଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ମୃତକ ଜଣକ ମହିଳା ବୋଲି କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ବସଟି ନିୟନ୍ତ୍ରଣ ହରାଇ ଓଲଟି ପଡିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି । ସୂଚନାନୁଯାୟୀ, ବସରେ ଥିବା ସମସ୍ତ ଯାତ୍ରୀ ଇରିଟିର ବାସିନ୍ଦା ବୋଲି ଜଣାପଡିଛି । ବସଟି କନ୍ୟାକୁମାରୀ ଏବଂ ତିରୁବନନ୍ତପୁରମରୁ ଯାତ୍ରା ସାରି ଫେରୁଥିଲା । ସେହି ସମୟରେ ବସ ଏକ ମୋଡ଼ରେ ନିୟନ୍ତ୍ରଣ ହରାଇ ଓଲଟି ପଡ଼ି ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏପରି ଘଟଣା ପ୍ରାୟ ୧ଟା ସମୟରେ ଚିନ୍ନାକ୍କଲେଲ୍ ଚର୍ଚ୍ଚ ନିକଟରେ ଘଟିଥିଲା । ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ତୁରନ୍ତ ମୋନାପାଲ୍ଲୀର ଏକ ଘରୋଇ ହସ୍ପିଟାଲ ଏବଂ କୋଟ୍ଟାୟମ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ଏଥିସହ ଏହି ଦୁର୍ଘଟଣାରେ ୧୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । କିନ୍ତୁ ସେମାନଙ୍କ ଅବସ୍ଥା ସ୍ଥିର ରହିଛି । ଅନ୍ୟପଟେ ଦୁର୍ଘଟଣା ଯୋଗୁଁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ପରେ କ୍ରେନ୍ ସାହାଯ୍ୟରେ ଓଲଟି ପଡ଼ିଥିବା ବସଟିକୁ ବାହାର କରାଯାଇଥିଲା । ଏହାରି ମଧ୍ୟରେ ବସ୍ ଡ୍ରାଇଭରଙ୍କ ଅବହେଳା ଯୋଗୁଁ ଏପରି ଘଟଣା ଘଟିଥିବା ପୋଲିସ କହିଛି । ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଡ୍ରାଇଭରଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି । ଏହା ବ୍ୟତୀତ ପୋଷ୍ଟମର୍ଟମ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

## ରୁଷ୍-ୟୁକ୍ରେନ ଡ୍ରୋନ୍ ଆକ୍ରମଣ: ମସ୍କୋରେ ୨ ବିମାନବନ୍ଦର ବନ୍ଦ, ୧୮ ନାଗରିକ ଆହତ



କିବ୍: ରୁଷ୍ ଓ ୟୁକ୍ରେନ ମଧ୍ୟରେ ଡ୍ରୋନ ଆକ୍ରମଣ ତୀବ୍ର ହୋଇଛି। ରବିବାର ଦୁଇ ପକ୍ଷ ପରସ୍ପର ଉପରେ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଛନ୍ତି। ୟୁକ୍ରେନ୍ ଆକ୍ରମଣ ଯୋଗୁଁ ରୁଷ୍‌କୁ ରାଜଧାନୀ ମସ୍କୋର ୪ଟି ବିମାନବନ୍ଦରରୁ ଦୁଇଟିକୁ ବନ୍ଦ କରିବାକୁ ପଡ଼ିଛି। ରୁଷ ଏୟାର ଡିଫେନ୍ସ ସିଷ୍ଟମକୁ ୟୁକ୍ରେନ ଆକ୍ରମଣର ମୁକାବିଲା କରିବାକୁ ବହୁ କସରତ କରିବାକୁ ପଡ଼ିଛି। ଏହା ୨୮ଟି ୟୁକ୍ରେନ ଡ୍ରୋନ୍ ଖସାଇବାରେ ସଫଳ ହୋଇଥିବା ମସ୍କୋ ମେୟର ସର୍ଗେଇ ସୋବୟାନିନ କହିଛନ୍ତି। ଏହି ଆକମଣରେ ୧୮ରୁ ଅଧିକ ନାଗରିକ ଆହତ ହୋଇଛନ୍ତି। ରୁଷ୍ ବେସାମରିକ ବିମାନ କର୍ତ୍ତୃପକ୍ଷ ରୋସାଭିଏଥସିୟା ସୂଚନାନୁଯାୟୀ, ନିରାପତ୍ତା ଦୃଷ୍ଟିରୁ ବୃହତ୍ ଡୋମୋଡେଡୋଭ ବିମାନବନ୍ଦର ଏବଂ ଜୁକୋଭସ୍କି ବିମାନବନ୍ଦରକୁ ବନ୍ଦ କରିଦିଆଯାଇଛି। ବିମାନବନ୍ଦରରେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ। ରୁଷ୍‌ର ସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରି ଏହି ଆକ୍ରମଣ ହୋଇଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରୁଷ୍ ରବିବାର ୟୁକ୍ରେନ ଉପରେ ୧୦୧ଟି ଡ୍ରୋନ ମାଡ଼ କରିଛି। ରୁଷ୍‌ର ୯୦ ଡ୍ରୋନ୍ ଖସାଇ ଦିଆଯାଇଥିବା ୟୁକ୍ରେନ ବାୟୁ ସେନା ପକ୍ଷରୁ କୁହାଯାଇଛି। ତେବେ ରୁଷ୍ ଡ୍ରୋନ ଆକ୍ରମଣରେ ଅତିକମ୍‌ରେ ୭ ଶିଶୁଙ୍କ ସମେତ ୨୯ ଜଣ ଆହତ ହୋଇଛନ୍ତି। ୩ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। କିବ୍ ମେୟର ଭିଟାଲି କ୍ଲିଟସ୍କୋ କହିଛନ୍ତି, ଏବେବି ରୁଷ୍ ଡ୍ରୋନ ସହର ଉପରେ ସକ୍ରିୟ ରହିଛି। ସେ ନାଗରକଙ୍କୁ ଘର ଭିତରେ ରହିବାକୁ ନିବେଦନ କରିଛନ୍ତି। ଦେସ୍ନ୍ୟାସ୍କି ଜିଲ୍ଲାର ଏକ ୯ ମହଲା ବିଶିଷ୍ଟ ଘର ଉପରେ ଡ୍ରୋନ ଆକ୍ରମଣ ପରେ ଏହାର ବିଭିନ୍ନ ମହଲାରେ ନିଆଁ ଲାଗି ଯାଇଥିଲା। ଏହି ଜିଲ୍ଲାର ଆଉ ଏକ ୯ ମହଲା କୋଠା ଉପରେ ଆକ୍ରମଣ ହୋଇଥିଲେ ବି ଉଦ୍ଧାରକାରୀ ଦଳ ୫ ଜଣଙ୍କୁ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଉତ୍ତର କିବ୍‌ର ଏକ ଜିଲ୍ଲାର ୧୬ ମହଲା କୋଠାରେ ଡ୍ରୋନର ଭଗ୍ନାବଶେଷ ପଡ଼ି ଆପାର୍ଟମେଣ୍ଟ କ୍ଷତିଗ୍ରସ୍ତ ହୋଇଛି। ରୁଷ୍ ଏହାର ପରମାଣୁ କ୍ଷମତା ସମ୍ପନ୍ନ ବୁରେଭେଷ୍ଟନିକ୍ କ୍ରୁଜ କ୍ଷେପଣାସ୍ତ୍ର ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ଶେଷ କରିଥିବା ରବିବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୂଚନା ଦେଇଛନ୍ତି।

## ଦିଲ୍ଲୀରେ ମହିଳା ଡାକ୍ତରଙ୍କୁ ବଳାତ୍କାର

ନୂଆଦିଲ୍ଲୀ : ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜଣେ ବ୍ୟକ୍ତି ସେନା ଅଫିସର ପରିଚୟ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆରବ ନାମକ ଯୁବକଙ୍କ ଘର ଦିଲ୍ଲୀର ଛତରପୁରରେ ଓ ସେ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ସେନାର ଜଣେ ଲ୍ୟୁଟ୍ ?ନାଣ୍ଟ ପରିଚୟ ଦେଇ ଡାକ୍ତରଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟ ହ୍ୱାଟ୍ସଆପ୍‌ରେ ଚାଟିଂ ଆରମ୍ଭ କରିଥିଲେ ବୋଲି ପୋଲିସ କହିଛି। ଆରବ ଜମ୍ମୁ-କଶ୍ମୀରରେ ପୋଷ୍ଟିଂ ହୋଇଥିବା କହିବା ସହ ସେନା ପୋଷାକରେ ଥିବା ଫଟୋ ପଠାଇଥିଲେ। ଚଳିତ ମାସ ଆରମ୍ଭରେ ସେ ଦିଲ୍ଲୀ ଆସି ଡାକ୍ତରଙ୍କ ମସ୍‌ଜିଦ ମୋଥ୍ ଅଞ୍ଚଳରେ ଥିବା ଘରକୁ ଯାଇଥିଲେ। ସେଠାରେ ସେ ଡାକ୍ତରଙ୍କୁ ଖାଦ୍ୟରେ ନିଶା ଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି। ୧୬ ତାରିଖରେ ଡାକ୍ତରଙ୍କ ଅଭିଯୋଗକ୍ରମେ ପୋଲିସ ଛତରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ଏକ ସେନା ପୋଷାକ ଦୋକାନରୁ ଏହାକୁ କିଣିଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।

# ଦକ୍ଷିଣ ଆଫ୍ରିକାର ଟେଷ୍ଟ ଦଳ ଘୋଷଣା

## ଭାରତ ବିପକ୍ଷରେ ନେତୃତ୍ୱ ନେବେ ବାଭୁମା



ନୂଆଦିଲ୍ଲୀ,୨୭।୧୦: ଭାରତ ଗସ୍ତରେ ତିନି ଫର୍ମାଟର ସିରିଜ୍ ଖେଳିବ ପାଇଁ ଦକ୍ଷିଣ ଆଫ୍ରିକା ନଭେମ୍ବରରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଏବଂ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ଟେଷ୍ଟ ସିରିଜ ପାଇଁ ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା ହୋଇଛି। ଅଧିନାୟକ ତେମ୍ବା ବାଭୁମାଙ୍କ ଦଳରେ ପ୍ରତ୍ୟାବର୍ତ୍ତନ ଘଟିଛି ।ଆହତ କାରଣରୁ ସେ ପାକିସ୍ତାନ ବିପକ୍ଷ ସିରିଜ୍ ପାଇଁ ଦଳରେ ନ ଥିଲେ।

ତେମ୍ବା ବାଭୁମାଙ୍କ ଅନୁପସ୍ଥିତିରେ ଏଡେନ୍ ମାର୍କ୍ରାମ ପାକିସ୍ତାନ ଟେଷ୍ଟ ସିରିଜର ଅଧିନାୟକ ଥିଲେ, କିନ୍ତୁ ବାଭୁମା ଭାରତ ବିପକ୍ଷରେ ଫେରିଥିଲେ। ବାଭୁମାଙ୍କ ଅଧିନାୟକତ୍ୱରେ ଦକ୍ଷିଣ ଆଫ୍ରିକା ଚଳିତ ବର୍ଷ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଜିତିଥିଲା, ଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା ଭାରତ ସିରିଜ୍ ପାଇଁ ଦକ୍ଷିଣ ଆଫ୍ରିକା ସନ୍ତୁଳିତ ଦଳ ଘୋଷଣା କରିଛି। ସ୍ପିନ ଟ୍ରାକକୁ ଦୃଷ୍ଟିରେ ରଖି ଦଳରେ ସେନୁରନ ମୁଥୁସାମି, କେଶବ ମହାରାଜ ଓ ସାଇମନ ହାର୍ମରଙ୍କ ରୂପେ ତିନି ଜଣ ସ୍ପିନରଙ୍କୁ ସାମିଲ୍ କରାଯାଇଛି ।

ଦ୍ରୁତ ବୋଲର ଭାବେ ଦଳରେ କାଗିସୋ ରାବଡ଼ା, ମାର୍କୋ ଜନସେନ, ୱିୟାନ ମୁଲଡର ଓ କର୍ବିନ ବୋଶଙ୍କ ପରି ଦ୍ରୁତ ବୋଲରଙ୍କୁ ସ୍ଥାନ ମିଳିଛି। ଉଲ୍ଲେଖନୀୟ ପ୍ରଥମ ମ୍ୟାଚ୍ ନଭେମ୍ବର ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଖେଳାଯିବା ଏହା ପରେ ୨୨ରୁ ଗୌହାଟୀର ବରସାପରା ଷ୍ଟାଡିୟମରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।ଟେଷ୍ଟ ଅଧିନାୟକ ଭାବରେ ଏହା ଶୁଭମନ ଗିଲଙ୍କ ଦ୍ୱିତୀୟ ଘରୋଇ ଟେଷ୍ଟ ସିରିଜ ହେବ। ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ୨-୦ରେ ଜିତିଥିଲେ। ଅନ୍ୟପଟେ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଶେଷ ଟେଷ୍ଟ ସିରିଜ ୧-୧ ଡ୍ରରେ ଶେଷ ହୋଇଥିଲା ପାକିସ୍ତାନ ପ୍ରଥମ ମ୍ୟାଚ୍ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ୍ ଜିତିଥିଲା।

**ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ**

ତେମ୍ବା ବାଭୁମା (ଅଧିନାୟକ), କରବିନ୍ ବୋଶ, ଡିୱାଲ୍ଡ ବ୍ରେଭିସ, ମାର୍କୋ ଜନସେନ୍, ଆଡେନ ମାରକ୍ରମ, ଜୁବାଇର ହାମଜା, କେଶବ ମହାରାଜ, ରିଆନ ରିକେଲଟନ, ଟନି ଡି ଜୋରଜୀ, ସେନୁରାନ ମୁଥୁସାମି, ଟ୍ରିଷ୍ଟନ ଷ୍ଟବ୍ସ, କାଗିସୋ ରାବାଡା, କାଇଲ୍ ଭେରେନେ, ୱିଆନ୍ ମୁଲଡର୍, ସାଇମନ୍ ହାରମର୍ ।ଅଷ୍ଟମ ଥର ପାଇଁ ଦକ୍ଷିଣ ଆଫ୍ରିକା ଭାରତକୁ ଟେଷ୍ଟ ସିରିଜ୍ ଖେଳିବାକୁ ଆସୁଛି। ପୂର୍ବରୁ, ଦଳ ସାତ ଥର ଭାରତ ଗସ୍ତ କରିଛି, ଯେଉଁଥିରେ ଭାରତ ଚାରୋଟି ସିରିଜ୍ ଜିତିଛି ଏବଂ ଦକ୍ଷିଣ ଆଫ୍ରିକା ଗୋଟିଏ ଜିତିଛି। ଦୁଇଟି ସିରିଜ୍ ଡ୍ରରେ ଶେଷ ହୋଇଛି।ଦକ୍ଷିଣ ଆଫ୍ରିକା ୧୯୯୦ରେ ଭାରତ ଗସ୍ତ ସମୟରେ ଶେଷ ଏବଂ ଏକମାତ୍ର ଟେଷ୍ଟ ସିରିଜ୍ ଜିତିଥିଲା ।ସେବେଠାରୁ ଦଳ ଟେଷ୍ଟ ସିରିଜ୍ ଖେଳିବା ପାଇଁ ପାଞ୍ଚ ଥର ଭାରତ ଗସ୍ତ କରିଛି, କିନ୍ତୁ କେବେ ଜିତିପାରିନାହିଁ।

# ସୁସ୍ଥ ହେଉଛନ୍ତି ଆୟର



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ କରିବା ସମୟରେ ଆହତ ଶ୍ରେୟସ ଆୟରଙ୍କୁ ସିଡନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ମ୍ୟାଚ୍ ଦିନଠୁ ସେ ହସ୍ପିଟାଲରେ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ନେଇ ବିସିସିଆଇ ସଚିବ ଦେବଜିତ ସୈକିୟା ସୋମବାର ପ୍ରେସ ବିବୃତି ଜାରି କରିଛନ୍ତି। ସେ କହିଛନ୍ତି ଆୟର ଚିକିତ୍ସା ଚାଲିଛି ଏବଂ ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ଇଣ୍ଡିଆନ ଟିମର ଡାକ୍ତର ତାଙ୍କ ସହ ସିଡନୀରେ ହିଁ ରହିବେ ଏବଂ ପ୍ରତ୍ୟେକ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ସମୀକ୍ଷା କରାଯିବ ।

ବିସିସିଆଇର ପ୍ରେସ ବିବୃତି ଅନୁଯାୟୀ ଆୟରଙ୍କ ଛାତିର ବାମପଟର ପଞ୍ଜରା ହାଡର ନିମ୍ନକ୍ରମରେ ଆଘାତ ଲାଗିଛି। ଏହାର ଚିକିତ୍ସା କରାଯାଉଛି। ସେ ଏବେ ଠିକରେ ସୁସ୍ଥ ହେଉଛନ୍ତି। ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କ ଆଘାତ ଉପରେ ନଜର ରଖାଯାଇଛି। ମେଡିକାଲର ଡାକ୍ତର ଏବଂ ଟିମ୍ ଇଣ୍ଡିଆର ଡାକ୍ତରୀ ଦଳ ତାଙ୍କ ସହ ରହିଛନ୍ତି। ପ୍ରତିଦିନ ଆୟରଙ୍କ ସ୍ୱାସ୍ଥ୍ୟବସ୍ଥାର ମୂଲ୍ୟାଙ୍କନ ପାଇଁ ଦଳର ଡାକ୍ତର ତାଙ୍କ ସହ ସିଡନୀରେ ରହିବେ।

ସୂଚନାଯୋଗ୍ୟ, ଶ୍ରେୟସ ଶନିବାରଠୁ ଆଇସିୟୁରେ ଭର୍ତ୍ତି ଅଛନ୍ତି ତାଙ୍କର ପଞ୍ଜରା ହାଡରେ ରକ୍ତସ୍ରାବ ହେଉଥିବା ରିପୋର୍ଟରୁ ଜଣା ପଡିଛି । ସ୍ଥିତି ଦେଖି ତାଙ୍କୁ ସାତ ଦିନ ଯାଏ ମେଡିକାଲରେ ରଖାଯିବ। କାରଣ ରକ୍ତସ୍ରାବରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ତୃତୀୟ ଦିନିକିଆରେ ପଛକୁ ଦୌଡି ଆଲେକ୍ସ କେରିଙ୍କ ଏକ ଚମତ୍କାର କ୍ୟାଚ୍ ଧରିଥିଲେ ଶ୍ରେୟସ ଆୟର। ଏହି ସମୟରେ ତାଙ୍କର ପଞ୍ଜରା ହାଡରେ ଆଘାତ ଲାଗିଥିଲା । ବିସିସିଆଇ ମେଡିକାଲ୍ ଟିମ୍ ତାଙ୍କ ଆଘାତର ଆକଳନ କରି ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କୁ ସୁସ୍ଥ ହୋଇ ପଡ଼ିଆକୁ ଫେରିବାକୁ କିଛି ସପ୍ତାହ ସମୟ ଲାଗିବ।ତେଣୁ ଆସନ୍ତା ସାଉଥ ଆଫ୍ରିକା ବିପକ୍ଷ ଟୁର୍ଣ୍ଣାମେଣ୍ଟରୁ ସେ ବାଦ ପଡ଼ିପାରନ୍ତି। ସେ ବର୍ତ୍ତମାନ ଅଷ୍ଟ୍ରେଲିଆରେ କିଛି ଦିନ ରହିବେ। ସୁସ୍ଥ ହୋଇ ଭାରତ ଫେରିବା ପରେ ତାଙ୍କ ବେଙ୍ଗାଲୁରୁ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସିକୁ ପଠାଯାଇପାରେ ।

## ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ଆଧାରରେ ତମାଣ୍ଡୋ ଚାମ୍ପିଅନ୍ ଓ ମିନିଆଧାରରେ ଗୁରୁଜଙ୍ଗ ଚମ୍ପିୟାନ



ଖୋର୍ଦ୍ଧା,୨୭।୧୦(ମହାଭାରତ): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ। ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ଉଦଯାପନୀ ଦିବସରେ ପ୍ରଥମ ଫାଇନାଲ ମ୍ୟାଚ( ମିନିଆଧାର) ଗୁରୁଜଙ୍ଗ ବନାମ ଗୁଡୁମ ମଧ୍ୟରେ ଅନୁଷ୍ଠିତ ହେଇଥିଲାଟସ୍ ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଡୁମ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୬ ୱିକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହରିହର ସେଠି ୩୩ ରନ୍ ସଂଗ୍ରହ କରିଥିଲେଜବାବରେ ଗୁରୁଜଙ୍ଗ ଦଳ ୯ ଓଭର ରେ ୨ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚମ୍ପିୟାନହେଇଥିଲାଦଳ ପକ୍ଷରୁ ସୁଜି ପରିଡ଼ା ୮୦ ରନ୍ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ଫାଇନାଲମ୍ୟାଚ (ଆଧାର)ରେ ଗୁରୁଜଙ୍ଗ ଦଳ ତମାଣ୍ଡୋ କୁ ଭେଟିଥିଲାପ୍ରଥମେ ଟସ୍ ରେ ବିଜୟଲାଭ କରି ତମାଣ୍ଡୋ ଦଳ ନିର୍ଦ୍ଧାରିତ ୧୮ ଓଭର ରେ ୬ ୱିକେଟ ହରାଇ ୨୩୧ ରନ୍ ସଂଗ୍ରହ କରିଥିଲା ଦଳ ପକ୍ଷରୁ ସର୍ବାଧିକ ଦୀପକ ହରିଚନ୍ଦନ ୧୧୦ ରନ୍ ସଂଗ୍ରହ କରିଥିଲେ ଗୁରୁଜଙ୍ଗ ପକ୍ଷରୁ ଅସିତ ପରିଡ଼ା ୩ ୱିକେଟ୍ ଦଖଲ କରିଥିଲେଜବାବ ରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରି ପରାଜିତ ହେଇଥିଲା ଓ ତମାଣ୍ଡୋ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

ଆଜିର ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ପୌର ପରିଷଦ ର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି ଅଭିଷେକ ସିଂ ସାମନ୍ତ ଯୋଗ ଦେଇଥିଲେସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ପୌର ପରିଷଦ ର ଚେୟାରମେନ ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ଗୁରୁଜଙ୍ଗ ଗ୍ରାମ କମିଟିର ସମ୍ପାଦକ ରାକେଶ ମହାପାତ୍ର,ରଞ୍ଜନ ନନ୍ଦ,ନାରାୟଣ ପୃଷ୍ଟି, ଜାତୀୟ ରାଜପଥ ର ଜେନେରାଲ ମ୍ୟାନେଜର ଶ୍ରୀ ଜିତେନ୍ଦ୍ର ଭାଇ ଓ ଭଲିଆବାଡ଼ି କ୍ରିକେଟ ଆସୋସିଏସନ୍ ର ସଭାପତି ବିକାଶ ପ୍ରଧାନ ଯୋଗ ଦେଇଥିଲେ ମିନି ଆଧାର ରେ ଚମ୍ପିୟାନ ଗୁରୁଜଙ୍ଗ ଓ ରନରସ୍ଅପ୍ ଗୁଡୁମ୍ ଦଳ କୁ ସମ୍ମାନିତ ଅତିଥି ମାନେ ପୁରସ୍କୃତ କରିଥିଲେଆଧାର ରେ ବେଷ୍ଟ ଫିଲ୍ଡର ଦୀପକ ଭାରିମଲ,ବେଷ୍ଟ ବୋଲର ସିପୁନ ପଟ୍ଟନାୟକ,ବେଷ୍ଟ ବ୍ୟାଟସମ୍ୟାନ ଦୀପକ ହରିଚନ୍ଦନ, ଏମର୍ଜିଂ ପ୍ଲେୟର ଭାବରେ ରାଜ ଦୀପ ଓ ମ୍ୟାନ ଅଫ ଦ ସିରିଜ ଭାବରେ ଦୀପକ ହରିଚନ୍ଦନ ପୁରସ୍କୃତ ହେଇଥିଲେ।

ସେହିପରି ଟୁର୍ଣ୍ଣାମେଣ୍ଟ କୁ ସଫଳ ଭାବରେ ପରିଚାଳନା କରିଥିବା ପ୍ରକାଶ ପାଇକରାୟ, ତ୍ରିନାଥ ପରିଡା ଓ ସନ୍ତୋଷ ପ୍ରଧାନ ଙ୍କୁ ଶ୍ରେଷ୍ଠ ଆୟୋଜକ,ପ୍ରକାଶ କୁମାର ସାହୁ ସ୍କୋରର, ସାନୁଜ ବିଶ୍ୱାଳ, ପ୍ରଶାନ୍ତ ବେହେରା ଓ ତୁଷାରକାନ୍ତ ସୁନ୍ଦରାୟ ଙ୍କୁ ବେଷ୍ଟ ଅମ୍ପାୟର ଭାବରେ ପୁରସ୍କୃତ କରାଯାଇଥିଲା। ଶେଷରେ ରନରସ୍ଅପ୍ ଗୁରୁଜଙ୍ଗ ଦଳକୁ ଶ୍ରୀ ରାକେଶ ମହାପାତ୍ର ଓ ଚାମ୍ପିଅନ ତମାଣ୍ଡ ଦଳ କୁ ଶ୍ରୀମତୀ ସଂଯୁକ୍ତା ସାହୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟ କୁ ଉଦଘାଟନ କରିଥିବା ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ରାଜେନ୍ଦ୍ର କୁମାର ସାହୁ ଆୟୋଜକ ଗୁରୁଜଙ୍ଗ ଆସୋସିଏସନ ର କର୍ମକର୍ତ୍ତା ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ଶେଷ ରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସମସ୍ତ ଖେଳାଳି ମାନଙ୍କୁ ଖେଳୁଆଡ଼ ମନୋଭାବ ପାଇଁ ଧନ୍ୟବାଦ ଦେଇଥିଲେ।


# ରଣଜୀ ଟ୍ରଫି : ବ୍ୟାକ୍‌ଫୁଟ୍‌ରେ ଓଡ଼ିଶା



ଭୁବନେଶ୍ୱର,୨୭।୧୦(ଏଜେନ୍ସି): ବ୍ୟାଟିଂରେ ଫ୍ଲପ୍ ହେବା ପରେ ବୋଲିଂରେ ବି ନିଷ୍ଫଳ ହୋଇଛି। ଓଡ଼ିଶା ରଣଜୀ ଦଳ କାନପୁରଠାରେ ଚାଲିଥିବା ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ରାଉଣ୍ଡ୍ ମୁକାବିଲାରେ ଓଡ଼ିଶା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଶୁଭ୍ରାଂଶୁ ସେନାପତିଙ୍କ ଦଳର ପ୍ରଥମ ପାଳି ୨୪୩ ରନ୍ ଜବାବରେ ଘରୋଇ ଉତ୍ତରପ୍ରଦେଶ ତୃତୀୟ ଦିନ ସୁଦ୍ଧା ୬ ୱିକେଟ୍ ବିନିମୟରେ ୩୮୦ ରନ୍ ସଂଗ୍ରହ କରିଛି ହାତରେ ୪ ୱିକେଟ୍ ଥାଇ କରଣ ଶର୍ମାଙ୍କ ଦଳ ୧୩୭ ରନ୍‌ରେ ଆଗୁଆ। ରହିଛି। ଅନ୍ୟନ ୩ ପଏଣ୍ଟ ପକେଟସ୍ଥ କରିବାକୁ ମଧ୍ୟ ନିଶ୍ଚିତ କରିଛି ଘରୋଇ ଦଳ।

ରବିବାର ଉତ୍ତରପ୍ରଦେଶ ପୂର୍ବ ଦିନର ସ୍କୋର ୧୭/୦ରୁ ଖେଳ ଆରମ୍ଭ କରିଥିଲା ପଦାର୍ପଣ କରିଥିବା ଓଡ଼ିଶାର ସମ୍ବିତ ବରାଳ ଶନିବାର ବ୍ୟାଟିଂ କମାଲ୍ (୫୯*) କରିଥିବା ବେଳେ ରବିବାର ବୋଲିଂରେ ବି ଛାପ ଛାଡ଼ିଥିଲେ ସକାଳେ ଲଗାତାର ଓଭରରେ ସେ ଅଭିଷେକ ଗୋସ୍ୱାମୀ (୨୪) ଏବଂ ୱିକେଟରକ୍ଷକ ବ୍ୟାଟର୍ ଆରନ୍ ଜୁୟାଲ (୦)ଙ୍କୁ ବୋଲ୍ଡ କରି ଦେଇଥିଲେ ଫଳରେ ଉତ୍ତରପ୍ରଦେଶ ୪୫/୨ରେ ପହଞ୍ଚିଯାଇଥିଲା ।ଅନ୍ୟତମ ଓପନର୍ ମାଧବ୍ କେଶିକଙ୍କ ସହ ଯୋଗ ଦେଇ ଅଧିନାୟକ କରଣ ଶର୍ମା ତୃତୀୟ ୱିକେଟ୍ ଲାଗି ୭୧ ରନ୍ ଯୋଡ଼ିବାରୁ ଉତ୍ତରପ୍ରଦେଶ ପାଳି ଆଗକୁ ବଢ଼ିଥିଲା ମଧ୍ୟାହ୍ନ ଭୋଜନ ପରେ ସମ୍ବିତ ଉତ୍ତରପ୍ରଦେଶକୁ ଆଉ ଏକ ଝଟ୍‌କା ଦେଇଥିଲେ। କେଶିକ (୬୭)ଙ୍କୁ ଲେଗ୍ ବିଫୋର ୱିକେଟ୍ କରାଇ ବ୍ୟକ୍ତିଗତ ତୃତୀୟ ୱିକେଟ୍ ସହ ପଦାର୍ପଣକୁ ସ୍ମରଣୀୟ କରିଥିଲେ ତେବେ ଏହି ସମୟରେ ଏକାଠି ହୋଇଥିବା କରଣ ଶର୍ମା (୧୨୧) ଏବଂ ଆରାଧ୍ୟ ଯାଦବ ୧୦୧ ରିଟାୟର୍ଡ ହର୍ଟ; ଅତୁଟ ଚତୁର୍ଥ ୱିକେଟ୍ ପାଇଁ ୨୨୫ ରନ୍ ଯୋଡ଼ି ଓଡ଼ିଶା ବୋଲରଙ୍କୁ ନୟାନ୍ତ କରିଛନ୍ତି। ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୭୭.୧ ଓଭରରେ ୨୪୩/୧୦ ( ଗୋବିନ୍ଦ ପୋଦ୍ଦାର-୬୪, ସମ୍ବିତ ବରାଳ-୫୯*, ସନ୍ଦୀପ ପଟ୍ଟନାୟକ-୫୩, ରାଜେଶ ମହାନ୍ତି-୪୮, ଶିବମ ଶର୍ମା-୩/୬୫, ଶିବମ ମାଭି-୨/୪୬, ପ୍ରଶାନ୍ତ ବୀର-୨/୧, ବିପ୍ରଜ ନିଗମ-୨/୩୯, କୁନାଲ ତ୍ୟାଗୀ-୧/୨୯) ଉତ୍ତରପ୍ରଦେଶ ପ୍ରଥମ ପାଳି: ୧୨୮ ଓଭରରେ ୩୮୦/୬ (କରଣ ଶର୍ମା-୧୨୧, ଆରାଧ୍ୟ ଯାଦବ-୧୦୧, ମାଧବ କେଶିକ ୬୭, ଅଭିଷେକ୍ ଗୋସ୍ୱାମୀ-୨୪, ସମ୍ବିତ ବରାଳ-୧୩-୨-୩୫-୩)।

# ଭାରତ ବିପକ୍ଷ ଟି-୨୦ ଖେଳିବେନି ଆଦାମ ଜାମ୍ପା



ନୂଆଦିଲ୍ଲୀ,୨୭।୧୦: ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ଆଗାମୀ ଟି-୨୦ ପାଇଁ ନ୍ୟୁ ସାଉଥ୍ ୱେଲ୍ସ ଲେଗ୍-ସ୍ପିନର ତନବୀର ସାଙ୍ଘାକୁ ଦଳରେ ସାମିଲ କରିଛି। ବ୍ୟକ୍ତିଗତ କାରଣରୁ ଜାମ୍ପା ସିରିଜର ପ୍ରଥମ ମ୍ୟାଚ୍‌ରୁ ଓହରି ଯାଇଛନ୍ତି ସୋମବାର କ୍ରିକେଟ୍ ଅଷ୍ଟ୍ରେଲିଆ। ନିଶ୍ଚିତ କରିଛି ଯେ ସାଙ୍ଘା କାନବେରାରେ ଦଳରେ ଯୋଗ ଦେଇଛନ୍ତି। ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ସିରିଜର ପ୍ରଥମ ଟି-୨୦ ଅକ୍ଟୋବର ୨୯ରେ ମାନୁକା ଓଭାଲରେ ଖେଳାଯିବ।୨୩ ବର୍ଷୀୟ ତନବୀର ସାଙ୍ଘା ୨୦୨୩ରେ ତାଙ୍କର ଶେଷ ଟି-୨୦ ଖେଳିଥିଲେ। ସେ ୧୦ ମ୍ୟାଚ୍ ରେ ୨୪.୯୦ ହାରରେ ସାତଟି ୱିକେଟ ନେଇଥିଲେ, ଯେଉଁଥିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାରିଟି ୱିକେଟ ସାମିଲ ଥିଲା। ସାଙ୍ଘା ଗତ କିଛି ସମୟ ଧରି ଉତ୍କୃଷ୍ଟ ଫର୍ମରେ ଅଛନ୍ତି ସେ ଦିନିକିଆ କପରେ ନ୍ୟୁ ସାଉଥ୍ ୱେଲ୍ସ ବ୍ଲୁଜ୍ ପାଇଁ ପ୍ରମୁଖ ୱିକେଟ୍ ଟେକର ଥିଲେ ସାଙ୍ଘା ୧୪.୧୦ ହାରରେ ୧୦ଟି ୱିକେଟ୍ ନେଇଥିଲେ। ସେ ଅଷ୍ଟ୍ରେଲିଆ। ଏ'ର ସାମ୍ପ୍ରତିକ ଭାରତ ଗସ୍ତ ସମୟରେ ମଧ୍ୟ ପ୍ରଭାବିତ କରିଥିଲେ। ଲେଗ୍-ସ୍ପିନର କାନପୁରରେ ତିନୋଟି ଲିଷ୍ଟ ଏ ମ୍ୟାଚ୍‌ରେ ସାତଟି ୱିକେଟ ନେଇଥିଲେ।

ଆଦମ ଜାମ୍ପାଙ୍କ ପତ୍ନୀ ଗର୍ଭବତୀ ଅଛନ୍ତି, ଏବଂ ଏହି ଦମ୍ପତି ସେମାନଙ୍କର ଦ୍ୱିତୀୟ ସନ୍ତାନ ଆଶା କରୁଛନ୍ତି ଜାମ୍ପା, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ପର୍ଥରେ ଭାରତ ବିପକ୍ଷରେ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ଅଂଶଗ୍ରହଣ କରିନଥିଲେ। ତାଙ୍କୁ ଏବେ ଟି-୨୦ ଅନ୍ତର୍ଜାତୀୟ ସିରିଜର ପ୍ରଥମ ମ୍ୟାଚ୍‌ରୁ ବାଦ ଦିଆଯାଇଛି, ଯାହା ଫଳରେ ତନବୀର ସାଙ୍ଘାଙ୍କ ଯୋଗଦାନ ପାଇଁ ପଥ ପ୍ରଶସ୍ତ ହୋଇଛି। ଅଷ୍ଟ୍ରେଲିଆ। ଟି-୨୦ ଦଳ- ମିଚେଲ ମାର୍ଶ (ଅଧିନାୟକ), ସିଆନ ଆବୋଟ୍, ଜାଭିୟର ବାର୍ଟଲେଟ୍, ଟିମ୍ ଡେଭିଡ୍, ବେନ୍ ଦ୍ୱାରଶୁଇସ୍, ନାଥନ୍ ଏଲିସ୍, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗଲିସ୍, ମାଥ୍ୟୁ କୁହନେମାନ, ମିଚେଲ ଓନେ୍, ମାଥ୍ୟୁ ସର୍ଟ, ମାର୍କସ୍ ଷ୍ଟୋଇନିସ୍, ଆଦମ ଜାମ୍ପା, ଗ୍ଲେନ୍ ମ୍ୟାକ୍ସୱେଲ, ତନବୀର ସାଙ୍ଘା।

## ଝଟକା : ପ୍ରତୀକାଙ୍କ ସ୍ଥାନରେ ଶେଫାଳି ବର୍ମା ଭାରତୀୟ ଦଳରେ ସାମିଲ




ମୁମ୍ବାଇ,୨୭।୧୦: ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ର ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳରେ ବଡ଼ ପରିବର୍ତ୍ତନ। ବାଂଲାଦେଶ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଡାହାଣ ଗୋଡ଼ ଓ ଗୋଡ଼ ଆଘାତ ଯୋଗୁଁ ପ୍ରତୀକା ରାୱଲ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ଆଇସିସିର ଇଭେଣ୍ଟ ଟେକ୍ନିକାଲ କମିଟି ସୋମବାର ଶେଫାଳି ବର୍ମାଙ୍କୁ ତାଙ୍କ ସ୍ଥାନରେ ଅନୁମୋଦନ କରିଛି ।ଶେଫାଳି ଶେଷଥର ପ୍ରାୟ ବର୍ଷେ ତଳେ ଭାରତ ପାଇଁ ଦିନିକିଆ ଖେଳିଥିଲେ।

# ଜିଲ୍ଲାସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତା

ବାରିପଦା,୨୭।୧୦(ମହାଭାରତ): ସ୍ଥାନୀୟ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆ।ରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବିଭାଗର ରଗବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପୌରହିତରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ଓଷ୍ଟା ଶିକ୍ଷକ ସଙ୍ଘର ସଭାପତି ଚିତ୍ତରଞ୍ଜନ ପଳତା ଯୋଗ ଦେଇଥିଲେ । ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, କ୍ରିଷ୍ଣା ଟୁଡୁ, ରାଇମୋହନ ନାଏକ, ପ୍ରକାଶ ଚନ୍ଦ୍ର ସୋଏ, ମାଳିନ ସୋଏ, ବୁକାଏ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ । ଜିଲ୍ଲା ସ୍ତରରୁ ଚୟନ ହୋଇଥିବା ୪୮ ଜଣ କ୍ରୀଡାବିତ ଚଳିତ ଅକ୍ଟୋବର ମାସ ୩୦ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ।

୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ସ୍ଥାନ ପାଇଥିବାବେଳେ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦସ୍ନା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ ଓ ପଦ୍ମାବତୀ ସିଂ ସ୍ଥାନ ପାଇଛନ୍ତି ।୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ। ଓ ବାଳିକା ବିଭାଗ ରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ୱାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି, ରଞ୍ଜିତା ସିଂ ସ୍ଥାନ ପାଇଛନ୍ତି।

# ବରୁଣଙ୍କ ସହ ସେଲ୍‌ଫି ନେଲେନି କ୍ରୀଡ଼ାବିତ୍



ନୂଆଦିଲ୍ଲୀ,୨୭।୧୦(ଏଜେନସି): ବଲିଉଡ୍ ଅଭିନେତା ବରୁଣ ଧାନ ଏବଂ ଅଭିନେତ୍ରୀ କ୍ରିତି ସାନନ୍ ଏବେ ଆବୁଧାବିରେ ୟୁଏଫ୍‌ସି ୩୨୧ ଇଭେଣ୍ଟରେ ଯୋଗ ଦେଇଥିଲେ। ସେଠାରେ ଥିବା ବେଳେ ବରୁଣଙ୍କର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଜୋର୍‌ରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ବରୁଣ ପୂର୍ବତନ ୟୁଏଫ୍‌ସି ଚାମ୍ପିଅନ୍ ତଥା ମାର୍ସିଲ କଳାକାର ଖବିବ୍ ନୁରମାଗୋମେଡୋଭଙ୍କ ପାଖକୁ ଯାଉଥିବା ଦେଖାଯାଉଛି। ଇନଷ୍ଟାଗ୍ରାମରେ ପୋଷ୍ଟ ହୋଇଥିବା କ୍ଲିପରେ ଅନେକ ଲୋକ ଖବିବଙ୍କ ପାଖରେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ସେଲଫି ମଧ୍ୟ ନେଇଥିଲେ। ତାପରେ ବରୁଣ ଖବିବଙ୍କ ପାଖକୁ ଚାଲିଗଲେ ଖବିବ୍, ବରୁଣଙ୍କ ସହ ହାତ ମିଳାଇଲେ। ଅଭିନେତା ତାଙ୍କୁ କିଛି ପଚାରିଲେ ଏବଂ ଖବିବ ଉତ୍ତର ଦେଇସାରି ଟିକେ ପଛକୁ ହଟିଗଲେ । ଖବିବ୍ ତାପରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ ଫଟୋ ପାଇଁ କିଛି ସମୟ ପାଇଁ ପୋଜ୍ ଦେଲେ ଏବଂ ଶୀଘ୍ର ଚାଲିଗଲେ। ଖବିବ୍ ବାସ୍ତବରେ ବରୁଣଙ୍କୁ ଅଣଦେଖା କରିଥିଲେ କି ନାହିଁ ତାହା ଏବେ ଅନଲାଇନରେ ବିତର୍କ ସୃଷ୍ଟି କରିଛି ।ଭିଡିଓରେ ଲେଖାଯାଇଛି, ଖବିବ୍ ପ୍ରକୃତରେ ଜଣେ ବଲିଉଡ୍ ଅଭିନେତାଙ୍କ ସହ ଫଟୋ ପାଇଁ ପୋଜ୍ ଦେବାକୁ ମନା କରିଥିଲେ ।କ୍ୟାପସନରେ ଲେଖାଯାଇଛି, ଖବିବ୍ ଜଣେ ଭାରତୀୟ ଅଭିନେତା ବରୁଣ ଧାନଙ୍କ ସହ ଫଟୋ ପାଇଁ ପୋଜ୍ ଦେବାକୁ ମନା କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ